

Digitized by srujanika@gmail.com

# ତୀର୍ଥ

କାନନ ମିଶ୍ର

Digitized by srujanika@gmail.com

# ତୀର୍ଥ (କବିତା ସଂକଳନ)

**ଲେଖିକା :**

କାନନ ମିଶ୍ର

**ପ୍ରକାଶକ :**

ସୁଧନ୍ୟା ପ୍ରକାଶନୀ
ଘର ନଂ:- ଇ-୬୦/୨ , ୟୁନିଟ୍-୯ , ଭୁବନେଶ୍ୱର-୨୨
ଦୂରଭାଷ-୫୪୨୧୪୧

**ପ୍ରଚ୍ଛଦ :**

ଶ୍ରୀ ବଳଦେବ ମହାରଥୀ

**ଡି.ଟି.ପି. :**

ଗୁଡ୍ଡୁ ଡି.ଟି.ପି ଆର୍ଟ, ଏମ.ଆଇ.ଜି-୧ , ୮/୩୧ , ବି.ଡି.ଏ କଲୋନୀ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର । ଦୂରଭାଷ-୩୦୨୪୨୧

**ମୁଦ୍ରଣ :**

ମହାପାତ୍ର ପ୍ରିଣ୍ଟିଂ ପ୍ରେସ୍ , ଖାରବେଳ ନଗର, ୟୁନିଟ୍-୩, ଭୁବନେଶ୍ୱର

**ପ୍ରଥମ ପ୍ରକାଶ : ଜୁନ୍, ୨୦୦୧**

**ମୂଲ୍ୟ : ଟ୬୦/- (ଷାଠିଏ ଟଙ୍କା ମାତ୍ର)**

© *ପ୍ରକାଶକଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ*

## TIRTHA (A Collection of Poems)

**Author :**

Kanan Mishra

**Publisher :**

SUDHANYA PRAKASHANI
Qr. No.:-E-60/2, Unit-IX, BBSR-22

**Cover Design :**

Sri Baladev Maharatha

**D.T.P. :**

GUDDU D.T.P Art, CSPUR

**Printer :**

Mohapatra Printing Press,
Kharavela Nagar, Unit-3, BBSR

**First Edition : June, 2001**

**Price** **Rs. 60.00**

*Digitized by srujanika@gmail.com*

ମୋ' ପରିବାରର

ମିଶ୍ର ଏବଂ ତ୍ରିପାଠୀମାନଙ୍କୁ ।

Digitized by srujanika@gmail.com

# ସବିନୟ ନିବେଦନ-

ଏ ସଂକଳନରେ ସ୍ଥାନିତ ସମସ୍ତ କବିତା, ଯା' ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇସାରିଛି। ଅନୁରାଗୀ ପାଠକମାନଙ୍କ ଦ୍ୱାରା ସସ୍ନେହ ସ୍ୱୀକୃତ ହୋଇଛି ମଧ୍ୟ।

ସଂପ୍ରତି ଗଦ୍ୟରଚନା କରୁଥିଲେ ବି କବିତା ସହିତ ଥିଲା ମୋର ପ୍ରଥମ ପ୍ରେମ। ପିଲାଦିନେ କବିତା ଲେଖୁଥିଲି। ୧୯୬୪ ମସିହାରେ ଓଡ଼ିଶା ଛାଡ଼ିଲାପରେ କବିତା ଲେଖା ବନ୍ଦ୍ ହୋଇଗଲା। ମୋ ଜୀବନରେ କବିତାର ଦ୍ୱିରାଗମନ ହେଲାଯାଇ ୧୯୯୭ ମସିହାରେ। ଦୀର୍ଘ ୩୩ ବର୍ଷ ଉତାରୁ, ଜନ୍ମମାଟିକୁ ଲେଉଟି ଆସିବାପରେ। ନୂଆକରି କବିତାର ସାନ୍ନିଧ୍ୟ ଲୋଡ଼ିବାକୁ ଯାଇ ଦେଖିଲି ଯେ ମୋ'ର ସେଇ ପ୍ରଥମ ପ୍ରେମର ଉନ୍ମାଦନା, ତିଳେ ହେଲେ ବି ହ୍ରାସ ପାଇନି ଯା' ଭିତରେ। କୁହୁକିନୀ କବିତାର ଯେ ଗୋଟିଏ ଚମତ୍କାର ଗୁଣ ଅଛି। ତା' ପରି, କମ୍ ଶବ୍ଦ ଭିତରେ, ଏତେ ବେଶୀ କଥା ଆଉ କେହି କହିପାରନ୍ତିନି।

'ତୀର୍ଥ'କୁ ଲୋକଲୋଚନକୁ ଆଣିବାରେ, ବିନୟଙ୍କର ଅବଦାନ ବହୁତ ବେଶୀ।

ସର୍ବଶେଷରେ, ବହିଟିର ପ୍ରକାଶନର ଦାୟିତ୍ୱ ବହନ କରିଥିବା 'ସୁଧନ୍ୟା ପ୍ରକାଶନୀ'ର କର୍ମକର୍ତ୍ତାବୃନ୍ଦଙ୍କୁ ମୋର ଆନ୍ତରିକ ଧନ୍ୟବାଦ।

କାନନ ମିଶ୍ର

Digitized by srujanika@gmail.com

# ସୂଚୀପତ୍ର


| | ବିଷୟ | ପୃଷ୍ଠା |
|---|---|---|
| ୧. | ଶେଷ ମୁହୂର୍ତ୍ତରେ | ୧ |
| ୨. | ତିନୋଟି ପ୍ରେମ କବିତା | ୩ |
| ୩. | ଦ୍ୱିତୀୟ ଜୀବନ | ୫ |
| ୪. | ବାଟ | ୬ |
| ୫. | ଯାହାପାଇଁ | ୯ |
| ୬. | ତିନୋଟି କବିତା - ବର୍ଷାର | ୧୦ |
| ୭. | ଶୀତ ଏବେ | ୧୨ |
| ୮. | ନିଶିଦିନ୍ | ୧୩ |
| ୯. | ସ୍ୱତଃସ୍ଫୂର୍ତ୍ତ | ୧୪ |
| ୧୦. | କୈଶୋରର ବାସ୍ନା | ୧୫ |
| ୧୧. | ଖୁସିଭରା ଦିନ | ୧୬ |
| ୧୨. | ପଚାଶ ବର୍ଷରେ | ୧୯ |
| ୧୩. | ଅଜାଣତରେ | ୨୦ |
| ୧୪. | ମୁଁ ଯଦି | ୨୧ |
| ୧୫. | ବଦ୍‌ମାସ ବର୍ଷା | ୨୨ |
| ୧୬. | କେତୋଟି ସ୍ଥାନ କବିତା | ୨୩ |
| ୧୭. | କ୍ଷୀର ଭାତ ନୁହେଁ | ୨୬ |
| ୧୮. | ଗଙ୍ଗା ଯମୁନା | ୨୭ |
| ୧୯. | ପକ୍ଷୀ | ୨୮ |
| ୨୦. | ପ୍ରଣୟିନୀ | ୨୯ |
| ୨୧. | ଉତ୍କଳମଣିଙ୍କ ପାଇଁ ଦୁଇଟି କବିତା | ୩୦ |
| ୨୨. | ମେଘ ଓ ମେଘଦୂତ | ୩୩ |
| ୨୩. | ପୁଅ ପାଇଁ ଦୁଇଟି କବିତା | ୩୫ |
| ୨୪. | ମର୍ଯ୍ୟାଦା | ୩୭ |
| ୨୫. | ଆତ୍ମକାହାଣୀ | ୩୯ |


Digitized by srujanika@gmail.com

| ବିଷୟ | ପୃଷ୍ଠା |
|---|---|


୨୬. ସଭିଙ୍କ ଭିତରେ ଜଣେ ........ ୪୧
୨୭. ମଣିଷ ........ ୪୩
୨୮. ଚାରୋଟି ପ୍ରେମ କବିତା ........ ୪୪
୨୯. ଗୁଚ୍ଛଟିଏ କୁନି କବିତା ........ ୪୬
୩୦. ଗ୍ରୀଷ୍ମଦିନ ........ ୫୦
୩୧. ବହୁତ ଦିନପରେ ........ ୫୨
୩୨. ସମାଧି ........ ୫୩
୩୩. ପୂଜା ........ ୫୪
୩୪. ବର୍ଷାର ଶବ ........ ୫୫
୩୫. ଜୀବନ ........ ୫୬
୩୬. ଓଡ଼ିଶା ........ ୫୭
୩୭. ପାଗଳାମି ........ ୫୮
୩୮. ତୁମପାଇଁ ଦୁଇଟି କବିତା ........ ୫୯
୩୯. ଅବୁଝା ଲୋକଟି ପାଇଁ ........ ୬୧
୪୦. ବିବାହ ବାର୍ଷିକୀ ........ ୬୨
୪୧. ଏଇ ଭଲ ........ ୬୩
୪୨. ସଙ୍କେତ ........ ୬୫
୪୩. ବିବର୍ତ୍ତନ ........ ୬୬
୪୪. ଯାଚନା ........ ୬୭
୪୫. ଶ୍ରେଷ୍ଠ ପ୍ରେମିକ ........ ୬୮
୪୬. ସହସ୍ରାବ୍ଦର ପୂଣ୍ୟ ତିଥିରେ ........ ୬୯
୪୭. ସଙ୍ଗୀତ ........ ୭୦
୪୮. ଜଣଙ୍କ ପାଇଁ ........ ୭୨
୪୯. ଇଶ୍ୱର ........ ୭୩
୫୦. ଜାଆଁଳା ପୁଅ ........ ୭୫
୫୧. ପରାଜୟ ........ ୭୭
୫୨. ବିଳମ୍ବ ........ ୭୯
୫୩. ପ୍ରାର୍ଥନା - ପୁଅପାଇଁ ........ ୮୦
୫୪. ଝଡ ପରେ ........ ୮୨


Digitized by srujanika@gmail.com

| ବିଷୟ | ପୃଷ୍ଠା |
|---|---|


୫୫. ନିଷ୍ଠା ........ ୮୩
୫୬. ଅଭିଧାନ ........ ୮୪
୫୭. ବଡ ଠାକୁର ........ ୮୫
୫୮. ମୁଁ ........ ୮୬
୫୯. ତିରିଶ୍ ବର୍ଷ ଉତାରେ ........ ୮୭
୬୦. ପରଧନ ........ ୮୮
୬୧. ଶାମୁକା ........ ୯୦
୬୨. ନିରୀକ୍ଷଣ-ଆତ୍ମାର ........ ୯୨
୬୩. ରହସ୍ୟ ........ ୯୪
୬୪. ଡାଇରୀ ........ ୯୫
୬୫. ଥରଟିଏ ........ ୯୬
୬୬. ବୋଉ ........ ୯୭
୬୭. ହୃଦୟ ........ ୯୯
୬୮. ପ୍ରଜାପତି ........ ୧୦୦
୬୯. ଧୀରେ ଚାଲ ........ ୧୦୧
୭୦. ଗୋଟିଏ ଜୀବନ ........ ୧୦୩
୭୧. ଶିଶୁ ଶ୍ରେଣୀରେ ........ ୧୦୪
୭୨. ଭୁଲ୍ ........ ୧୦୬
୭୩. ସର୍‌ଗମ୍ ........ ୧୦୮
୭୪. ପୁତ୍ର ........ ୧୦୯
୭୫. ଶବ ........ ୧୧୧
୭୬. ମୋ' ଜୀବନର ତିନୋଟି ପୁରୁଷଙ୍କ ପାଇଁ ........ ୧୧୪
୭୭. ଶିଶୁ ........ ୧୧୬
୭୮. ମିନିକବିତାର ତୋତା ........ ୧୧୭
୭୯. ତୀର୍ଥ ........ ୧୨୦


Digitized by srujanika@gmail.com

# ଶେଷ ମୁହୂର୍ତ୍ତରେ

ଯେଉଁଦିନ,
ଧୋବଲା ଚାଦର ଘୋଡ଼ିହୋଇ
ପଡ଼ିଥିବି ନିଷ୍କ୍ରିୟ ଭାବେ
ଆଉ ଦିନ ଗଣୁଥିବ ତମେମାନେ
ଗଙ୍ଗାଜଳ ଓ ତୁଳସୀଦଳ ପାଖରେ ରଖି,
ସେତିକିବେଳେ
ଠିକ୍ ଶେଷ ନିଃଶ୍ୱାସଟି ଯିବା ଆଗରୁ
ମୋ ବାଦାମୀ ଆଖିର ମଣି ଦୁଇଟି ଦେଇଦିଅ
ସେଇ ଲୋକକୁ
ଯିଏ କି ଜୀବନରେ ସୂର୍ଯ୍ୟାସ୍ତ ଦେଖିନି ।
ଦେଖିନି ଫୁଲ ଫୁଟିବାର ଲଗ୍ନ
ଦେଖିନି ଅବୋଧ ଶିଶୁ ଓଠର
ଅପାର୍ଥିବ ହସ ।

ମୋ'ର ହୃଦୟଟି ଦେଇଦିଅ
ସେଇ ଲୋକକୁ,
ଯାହାର ଅଳିନ୍ଦ ଓ ନିଳୟରେ
ଚଡ୍‌ଚଡ୍ ଫଟାଦାଗ
ଜୀବନର ଧକ୍‌କା ଖାଇ ଖାଇ ।
ମୋର ରକ୍ତନାଡ଼ି ନିଗାଡ଼ି
ରୁଧିର ତକ ଢାଳିଦିଅ
ଦୁର୍ଘଟଣାରେ ମୁମୂର୍ଷୁ
ସେଇ ଶ୍ୟାମାଙ୍ଗୀ ତରୁଣୀଟିର ଦେହରେ,

Digitized by srujanika@gmail.com

ଯିଏକି ଚେଇଁ ଉଠିବ ପୁଣି ଥରେ
ଭଲ ପାଇବା ପାଇଁ କାହାକୁ ।
ମୋର ହାଡ଼ମାଂସ କାଟିଦିଅ
ଖଣ୍ଡ ଖଣ୍ଡ କରି ।
ଦେଇଦିଅ
ଅନ୍ଧାରୁଆ ଓଦାଗଳିର ବାସିନ୍ଦା
ସେଇ ପଙ୍ଗୁ କିଶୋରଟିକୁ,
ହୁଏତ ଦୌଡ଼ିବ ଦିନେ ସିଏ
ଅନାବନା ଘାସ ପଡ଼ିଆରେ
ଖିଲ୍‌ଖିଲ୍ ହସ ହସି ପ୍ରଜାପତି ପଛେ ।
ଜୀବନ ଚାଲିଗଲା ପରେ
ବଳକା ଯାହା କିଛି ରହିଗଲା ଦେହରେ,
ପୋତିଦିଅ ତାକୁ ଏଇ
ଘରସାମ୍ନା କଦମ୍ବ ମୂଳରେ,
ଗଛଟିର ପୁଷ୍ଟିପାଇଁ ।
ହୁଏତ ଫୁଟିବି ଦିନେ ଫୁଲ ହୋଇ
ପ୍ରଶାଖାରେ ତାର
ପ୍ରଚ୍ଛଦପଟରେ ରଖି
ଶ୍ରାବଣର କଳା ଆକାଶକୁ ।
ଯଦି କିଛି ଅଂଶ ମୋର
ପୋଡିଜାଳି ଭସ୍ମ କରିଦେବାକୁ ଚାହଁ
ତୁମ ବିଧି ଅନୁସାରେ,
ତାହା ହେଉ
ମୋର ସମସ୍ତ ଦୋଷ, ତ୍ରୁଟି ଓ ଅପରାଧ
ଓ ଜୀବନଯାକର
ଭ୍ରାନ୍ତି ବା ଭୁଲ୍‌ଭଟ୍‌କା ।

Digitized by srujanika@gmail.com

# ତିନୋଟି ପ୍ରେମ କବିତା

## ପ୍ରେମ

ଏମିତି କେବେ କେଉଁଠି ହେଲାଣି ?
ଆକାଶ ଥିବ
ଆଉ ମଉଛବ ନଥିବ ତହିଁରେ ଇନ୍ଦ୍ରଧନୁର ?
ଫୁଲ ଥିବ
ଆଉ ଛାତିରୁ ତା'ର ଚହଟୁନଥିବ
ମହମହ ଗନ୍ଧର ଉଚ୍ଚାଟ ?
ପୃଥିବୀ ଥିବ
ଆଉ ପଟୁଆର ଯାକୁନଥିବ
ବାଦ୍‌ଶାହୀ, ବିଭୋର ବସନ୍ତ ?
ଏମିତି କେବେ କେଉଁଠି ହେଲାଣି ?
ମନଥିବ
ଆଉ ପ୍ରେମ ନଥିବ ?

## ପାପ

ଜୀବନଯାକ ପୁଣ୍ୟ କରି କରି
ପାଇଲିନି ତୁମକୁ ।
ସେଇଲାଗି, ଜାଣିଶୁଣି
ଆଜି ପାପ କରିବାକୁ ଯାଉଛି ।
ଆଶା,
ହୁଏତ ଉଭା ହବ ଆସି
କେଉଁଦିନ ନିଛାଟିଆ ଅନ୍ଧାର ରାତିରେ
ଅଚାନକ୍ ଦେହଳୀ ଦୁଆରେ ।

Digitized by srujanika@gmail.com

## କବିତା

ସିଧାସଳଖ କହିପାରିଲିନି ତୁମକୁ,
ଲାଜ ଲାଗିଲା ବୋଲି ।
ତେଣୁ ରାତିରେଇଁ ଲେଖିଦେଲି
ଚୁପ୍‌ଚୁପ୍ ଯେତେ ମୋ'ର
ଗୋପନୀୟ କଥା ।
ଆଉ ତା'ପରେ
ଆଚମ୍ବିତ ହୋଇ ଦେଖେ
ଆପେ ଆପେ ଆସିଛି ଉତୁରି
ଛନ୍ଦଲଗ୍ନା, ଛଳଛଳ
ପ୍ରିୟ ଏକ ପ୍ରେମର କବିତା ।

❖❖❖

Digitized by srujanika@gmail.com

# ଦ୍ୱିତୀୟ ଜୀବନ

ଦୋହରେଇବି ସେଇ ସବୁ ଭୁଲ୍
ବେଶୀ କରି,
ଆଉ ଥରେ ବଞ୍ଚିବାକୁ ଦେଲେ ।

ବଗିଚାରେ
ବେଶ୍ କିଛି ସମୟ
ବରବାଦ୍ କରି ଦେଖିବି
ଦୁଧିଆଳି ଇଉକାଲିପଟାସ୍‌ରେ
ଦୁଷ୍ଟ ଶିଶୁ-ଗୁଣ୍ଡୁଚିର ଦୌଡ଼ ।

ପଥ ଭୁଲି
ନିଝୁମ୍ ଅରଣ୍ୟାନୀରେ ପଶି ଶୁଣିବି
ଝିଙ୍କାରୀର ମାଲ୍‌କୌଷ
କିମ୍ବା ମୃଦୁ ବସନ୍ତବହାର୍
ବହନ୍ତା ନଦୀର ।

ସନ୍ତରିଯିବି ସାଗର
ଉଲ୍ଲଙ୍ଘିଯିବି ପାହାଡ଼ ।
ହସିବି,
ଆଉ ଟିକିଏ ଉଚ୍ଛଳ ହୋଇ ।

Digitized by srujanika@gmail.com

ପଥଚାରୀମାନଙ୍କୁ ଅବାକ୍ କରି
ଗୀତ ଗାଇବି ବାଟ ଚାଲୁଚାଲୁ
ବେସୁରା ହେଲେବି ।
ସିଧା ରାସ୍ତା ବାଦ୍ ଦେଇ
ଚାଲିବି ବଙ୍କା ରାସ୍ତାରେ
ଅବାଟରେ ।

କଥା କହିବି ମର୍ଜି ମାଫିକ୍ ।
ଆଉ ଭଲପାଇବି ଆହୁରି ବେଶୀ
ଆହୁରି ତୀବ୍ର ଭାବରେ ।
କେବଳ ଆଉଥରେ
ବଞ୍ଚିବାକୁ ଦେଲେ ।

❖❖❖

Digitized by srujanika@gmail.com

# ବାଟ

ପିମ୍ପୁଡି ପରି
ଜଣେ ମଣିଷ ଯେଉଁ ବାଟରେ ଯାଏ
ତା' ପଛ ଲୋକଟି ବି ଯାଏ
ଠିକ୍ ସେଇ ବାଟରେ ।
ଜଣକ ପରେ ଜଣେ,
ଜଣକ ପରେ ଜଣେ,
ବଇଁଶୀ ଫୁଙ୍କି ଫୁଙ୍କି
କଅଁଳା ବାଛୁରୀ ଅଡେଇ
ଖଇ ଉଖୁଡା ଭାର ଧରି ।
ଆଉ ଗହୀର ମଝିରେ
ଘାସ ମରିମରି
ଅନୂଢା କନ୍ୟାର ସାଦା ସିନ୍ଥିପରି
ତିଆରି ହୋଇଯାଏ ବାଟଟିଏ ।
ତା' ଦି'ପଟେ
ଲାଜକୁଳୀ ଲତାରେ ଫୁଲଫୁଟେ
ଅରଖ ଓ ଧୂତୁରା ଗଛ ଗଳୁରେ ।

ଜୀବନରେ ଚାଲିବାପାଇଁ
ସେମିତି କିଛି ନିର୍ଦ୍ଦିଷ୍ଟ ବାଟ ନାହିଁ ।
ଯେଉଁ ବାଟରେ ଚାଲ
ଲକ୍ଷ୍ୟ ଗାଁ'ରେ ପହଞ୍ଚିଲେଇ ହେଲା ।

Digitized by srujanika@gmail.com

ମୋତେ ତେଣୁ
ନୂଆ ବାଟଟିଏ ବନେଇବାକୁ ଦିଅ
ମୋ ମନ ମୁତାବିକ୍ ।
ମୁଁ ଆଗ ଗଲେ
କିଏତ ହେଲେ ଜଣେ ଆସିବ ପଛରେ !
ମନ୍ତ୍ର ପଡିପଡି
ସବାରୀ କାନ୍ଧେଇ
ଗଣ୍ଡିଲି ବୋହି ବୋହି,
ଜଣକ ପରେ ଜଣେ
ଜଣକ ପରେ ଜଣେ
ଆଉ ତିଆରି ହେଇଯିବ
ପୁଣି ନୂଆ ବାଟଟିଏ
ଲାଜକୁଳୀ ଲତା ଘେରା
ଅରଖ ଓ ଧୁତୁରା ଗଛ ମଝିରେ ।

❖❖❖

Digitized by srujanika@gmail.com

## ଯାହାପାଇଁ

ଯାହାପାଇଁ,
ହଳାହଳ ପିଇ ପିଇ
ରୂପ ହେଲା ନୀଳକଣ୍ଠୀ
ସିଏ ଆଜି ଶ୍ୱେତଶୁଭ୍ର, ରଜୁଗ୍ରୀବ
ନାରୀର କାଙ୍ଗାଳ।

ଯାହା ପାଇଁ,
ବକୁଳର ମାଳାଗୁଛି
ସୁଚୀବିଦ୍ଧ ଅନାମିକା
ସିଏ ଆଜି ଖୋଜିବୁଲେ
ଚାରୁତ୍ୱକ୍, ଚଂପକ ଅଙ୍ଗୁଳି।

ଯାହାପାଇଁ
ନତଜାନୁ ବର୍ଷ ବର୍ଷ
ପ୍ରାର୍ଥନା ଭଙ୍ଗୀରେ
ସିଏ ଆଜି ଆଣ୍ଠୁମାଡ଼ି ଘ୍ରାଣନିଏ
ଅନ୍ୟ ଏକ ନାଭି କୋରକର।

❖❖❖

Digitized by srujanika@gmail.com

# ତିନୋଟି କବିତା - ବର୍ଷାର

(୧)

କଦମ୍ବଡାଳ
ନଇଁଗଲାଣି ଫୁଲରେ ।
ସଦ୍ୟସ୍ନାତ ବନସ୍ପତିର ବାସ୍ନାରେ
ବତୁରି ଗଲାଣି,
ସୁଶୋଭନ ବନପଥ ।
ଶ୍ୟାମଘନ ପାହାଡ ଛାତିରେ
ଧାଦାମେଘ
ରଚିଗଲାଣି ଆଲିଙ୍ଗନ ।
ବର୍ଷା ଆସିଗଲା,
କିନ୍ତୁ ତମେ ଆସିଲନି ।
ମୋ ଶୀର୍ଣ୍ଣ କବଟିରୁ
ସୁବର୍ଣ୍ଣ ବଳୟ
ଯେ କ୍ରମାଗତ ଖସିଖସି ପଡେ ।

(୨)

ଏବେ ବର୍ଷା ହେଉଛି ।
ରାଜଧାନୀରେ ଏଇତ ମୋର ପ୍ରଥମ ବର୍ଷା !
ତାଳେ ତାଳେ
ଅଦୃଶ୍ୟ ନର୍ତ୍ତକୀର
ନୂପୂରର ଠାରପରି
ବର୍ଷାର ଡାକରା,
ଝିରିଝିରି ପବନରେ

Digitized by srujanika@gmail.com

ଦୋଳି ଖେଳୁଥିବା ନିମଗଛଟି
ତାଜା ଓ ଜୀବନ୍ତ,
ସ୍ୱାମୀର ବାଟ ଚାହିଁ ବସିଥିବା
ବାସ୍ନାବତୀ ବଧୂଟିଏ ପରି ।
ଛୋଟ ଦୁଇଟି ମହୁରାଳି ହୋଇ
ଆମେ ପହଁରି ଯାଆନ୍ତେ କି
ଫୁଲକିଆରୀର କୋଣେ କୋଣେ
ଜମିଥିବା ଚହଲା, କାଦୁଆ
ଏଇ ପାଣିର ଢେଉରେ !

(୩)

ତୂଳୀ, କଲମ, କାମେରା
ଛବି, କବିତା, ଫଟୋଗ୍ରାଫ୍
ରମନ୍, ରାମାନୁଜନ୍
କାଳିଦାସ, କହ୍ଲଣ,
କିଛି ସମ୍ଭବ ହେଇନଥାନ୍ତା,
କିଛି ବି ନୁହେଁ ।
ସୃଷ୍ଟି ହେଇନଥାନ୍ତା
ଅଜନ୍ତା ଓ ଏଲୋରା
ଖଜୁରାହୋ ବା କୋଣାର୍କ ।
ମଣିଷ ଭଲପାଉନଥାନ୍ତା,
ସ୍ୱପ୍ନ ବି ଦେଖୁନଥାନ୍ତା ।
ଗୋଟିଏ କଥାରେ
ମଣିଷ ଇ ନଥାନ୍ତା
ଯଦି ନ ଥାଆନ୍ତା
ବର୍ଷା ।

❖❖❖

Digitized by srujanika@gmail.com

# ଶୀତ ଏବେ

ଶୀତ ଏବେ
ଦେହଲତାର କୋଣେ କୋଣେ
ରୋମ ଟାଙ୍କୁରାଇଦିଏ
ନାଭିମୂଳ ଯାଏ ।
ଫିନ୍‌ଫିନ୍ କୁହୁଡିର
ମୁଲାୟମ୍ କୁର୍ତ୍ତା ଓ ଚୂଡୀଦାର୍ ପିନ୍ଧି
ଶୀତ ଏବେ ମତ୍‌ଲବୀ
ନିଷିଦ୍ଧ ପ୍ରେମିକ ପରି
ଟୁପ୍‌ଟୁପ୍ କାକରର
ମୃଦୁଶବ୍ଦ ପାଦଚାଳନାରେ ।

ଆଉ ସାରାରାତି
ବାହାରେ ଅପେକ୍ଷା କରି
ଶୀତ ଏବେ
ଗଲା ଆଗରୁ ଛାଡିଯାଏ
ତା'ର ଓଦାଳିଆ ଓଠର ନିଶାନା
ମୋ ବନ୍ଦ ଝର୍କାର
ଧୂଳିମିଶା କାଚ ଫଳକରେ

❖❖❖

Digitized by srujanika@gmail.com

# ନିଶିଦିନ୍

ହେବାକୁ ଚାହେଁ
ନିଦ ଭାଙ୍ଗି ଭାଙ୍ଗି ଆସୁଥିବା
ସେଇ ନିଦା ଗୋଲାପର କଢିଟି ।
ଯିଏକି
ତୁମ କାମିଜ୍‌ର
କାଜକରା ବୋତାମ୍ ଘରେ
ଠିକ୍ ଖାପିଯାଏ
ଆଉ ଶୁଣେ
ତୁମ ଅଳିନ୍ଦ ଓ ନିଳୟର ଡାକ
ନିଶିଦିନ୍ ।

ହେବାକୁ ଚାହେଁ
ଚିକ୍‌ମିକ୍ ଶିକୁଳିର
ସେଇ ସରୁ ସୁନାର ଚେନ୍‌ଟି
ଯିଏକି
ତୁମ ବେକରେ ଓହଳି ଦୋଳିଖେଳେ,
ଲୋଟିଯାଏ ତମ ଛାତିରେ
ଏପଟ ସେପଟ
ଅଲାଜୁକ ଭାବେ
ଆଉ ଶୁଣେ
ତୁମ ଅଳିନ୍ଦ ଓ ନିଳୟର ଡାକ
ନିଶିଦିନ୍ ।

❖❖❖

Digitized by srujanika@gmail.com

# ସ୍ୱତଃସ୍ଫୂର୍ତ୍ତ

କୁମୁଦକୁ କହିଦିଅ
ନଫୁଟିବା ପାଇଁ,
କହିଦିଅ ମୟୂରକୁ
ବୁଜିଦେବା ପାଇଁ ତାର ପଙ୍ଖର ଆଲଟ ।
ମେଘକୁ ଆଦେଶ ଦିଅ
ଯେମିତି ନବର୍ଷେ ସିଏ ଆଉ ।

ଝରଣାକୁ ରୋକିଦିଅ
କରିବାକୁ କୁଳୁକୁଳୁ ଗୀତର ଆଳାପ ।
ଚନ୍ଦ୍ରକୁ ନିଷେଧ କର
ଢାଳିବାକୁ ଜ୍ୟୋତ୍ସ୍ନା ।
ଆଉ ବନାନୀକୁ ମନାକର
ଯେମିତି ନହେବ ସିଏ ସଜବାଜ
ପ୍ରତିବର୍ଷ ବସନ୍ତ ଋତୁରେ ।

ଏତିକି କରିଦିଅ ।
ଦେଖିବ
ମୁଁ ବନ୍ଦ କରିଦେବି
ମୋର ଭଲପାଇବା,
ବନ୍ଦ କରିଦେବି ମୋର
କବିତା ଲେଖା
ତୁମ କଥା ଅନୁସାରେ ।

❖❖❖

Digitized by srujanika@gmail.com

# କୈଶୋରର ବାସ୍ନା

ପ୍ରତ୍ୟେକ ଜିନିଷର ଏକ ବାସ୍ନା ଅଛି ।
ନିଜସ୍ୱ ।
ମଟାଳ ମାଟିର ଟେଳା, ଆଷାଢର ପ୍ରଥମ ବର୍ଷାରେ,
ମଲ୍ଲିକଢ ସଜଫୁଟା ବୈଶାଖୀ ରାତିର,
ଚଉରାର ଦରଲିଭା ଦୀପ,
ସଭିଙ୍କର ବାସ୍ନା ଅଛି,
ଭିନ୍ନ ଭିନ୍ନ
ନୂଆ କିସମର ।

ପ୍ରତ୍ୟେକ ମଣିଷର ଏକ ବାସ୍ନା ଅଛି,
ନିଜସ୍ୱ ।
ପଦ୍ମଗନ୍ଧା ପଞ୍ଚଦଶୀ
ଶିଶୁଦେହେ କ୍ଷୀରର ସୁଗନ୍ଧି ।
ମାତାମହୀ ଦେହ ବାସେ
କାର୍ତ୍ତିକର ହବିଷାନ୍ନ ପରି,
ସିମନ୍ତିନୀ
ବାସ୍ନା ଦିଏ ଅତର ଓ ଅଁଳା ତେଲର ।

ପ୍ରତ୍ୟେକ ସ୍ଥାନର ଏକ ବାସ୍ନା ଅଛି ।
ନିଜସ୍ୱ ।
ମତ୍ସ୍ୟଗନ୍ଧା ବେଳାଭୂଇଁ;
ମନ୍ଦିର ବେଢାରେ

Digitized by srujanika@gmail.com

ପାଦୋଦକ, ଚନ୍ଦନ ଓ ଅଗୁରୁ ସୁରଭି ।
ଗ୍ରାମପଥ
ମହମହ ଗେରୁମାଟି, ତୁଳସୀ ବଣରେ ।

ପ୍ରତ୍ୟେକ ଅବସ୍ଥାର ଏକ ବାସ୍ନା ଅଛି ।
ନିଜସ୍ୱ ।
ଶୈଶବ, କୈଶୋର ଓ ବାର୍ଦ୍ଧକ୍ୟର ।
ବାର୍ଦ୍ଧକ୍ୟ ଏବେ ବି ଦୂର
ଶୈଶବର କଥା
ମନେନାହିଁ ।
କୈଶୋରର ସ୍ମୃତି କିନ୍ତୁ
ବହିଆଣେ ତୀବ୍ରଗନ୍ଧ
କନକ ଚଂପାର ।

ମନେପଡେ ?
ଚଂପାବନ, ନିରୋଳା ଗୋଧୂଳି ?

❖❖❖

Digitized by srujanika@gmail.com

# ଖୁସି ଭରା ଦିନ

ବାସ୍ନା ଭରା ଦିନଥିଲା
ଖୁସି ଭରା ଦିନଥିଲା
ଆମର ବି ।
ସ୍ୱର୍ଣ୍ଣଚଂପା ଫୁଟୁଥିଲା ଅଗଣାରେ,
ଶୀତଦିନ ସକାଳେ
ମଲ୍ଲିଫୁଲିଆ ବଡି ପକାଉଥିଲା ବୋଉ,
ଆଉ ଠିକ୍ ସେତିକିବେଳେ
ବାଂଫ ଉଠା ଭାତ ଆଉ କୋବି ଝୋଳ ଖାଇ
ବାପା ଯାଉଥିଲେ କଲେଜ ।
କାନ୍ଧରେ ଶାନ୍ତିନିକେତନୀ ବ୍ୟାଗ୍
ଫେରିଲା ବେଳକୁ, ଆମେ ଜାଣିଥିଲୁ
ସେଥିରେ ଥିବ,
କଦଳୀ ଫେଣେ
କିମ୍ବା ବ୍ରିଟାନିଆ ବିସ୍କୁଟ୍ ଦି ପ୍ୟାକେଟ୍ ।
କବିତାଟିଏ ଛପାହେଲେ
ପତ୍ରିକାଟି ଧରି
ଦୌଡିକି ଆସୁଥିଲି
କୁନି କୁନି ମୁହଁ ସବୁ ଉହୁଙ୍କି କହୁଥିଲେ
"ଦେଖି - ଦେଖି" !

ଆଜି ଅନେକ ଅନେକ ବର୍ଷ ପରେ,
ଅଗଣାରେ ଅନାବନା ଘାସବୁଦା, କାଗଜର ଠୁଙ୍ଗା,

Digitized by srujanika@gmail.com

ପଲସ୍ତରା ଖସିପଡେ
ଘୁଣଧରା ଖିଲାଣ ଦେହରୁ,
ବାପାଙ୍କର ଛାଞ୍ଚ ଚାଲେ ବାଡିଧରି
ପାତାପକା ମୁଲାୟମ ବାଳ, ବୋଉର
ଝୋଟ ପରି ଫର୍‌ଫର୍ ଉଡେ ।

ଆମେ ସବୁ ଛିନ୍ନଭିନ୍ନ ପରସ୍ପରଠାରୁ
ରାଉର୍‌କେଲାରୁ ବୋଷ୍ଟନ୍ ଯାଏ
କାଁ ' ଭାଁ ' ଭେଟ ହୁଏ
ତା 'ପରେ ଯିଏ ଯା ' ବାଟରେ ।
ଖାଲି ଯାହା ରହିରହି ମନେପଡେ
ବାପ୍ନା ଭରା ଦିନଥିଲା
ହସଭରା ଦିନଥିଲା
ଆମର ବି ।

Digitized by srujanika@gmail.com

# ପଚାଶ ବର୍ଷରେ

ପଚାଶ ବର୍ଷରେ
ଏବେ ମଧ୍ୟ ବେଳେ ବେଳେ ମନ ହୁଏ
ପେଣ୍ଡୁ ଖେଳିବାକୁ,
ମନହୁଏ
ପଡିଶା ଘର ପାଚିରୀ ଡେଇଁ
ଚୋରି ଚୋରି ଖାଇବାକୁ
ଜାମୁରୋଳ, ପିଜୁଳି, ଡାଳିମ୍ବ।
ଆଷାଢ଼ ବର୍ଷାରେ ଭିଜି
ମନହୁଏ ଛାଡିବାକୁ କାଗଜର ଡଙ୍ଗା
କୁଳ୍‌କୁଳ୍ ଗୋଳିଆ ପାଣିରେ।

ପଚାଶ ବର୍ଷରେ,
ଏବେ ମଧ୍ୟ ବେଳେବେଳେ ମନହୁଏ
ସ୍ୱପ୍ନ ଦେଖିବାକୁ,
ହସିବାକୁ ନିରର୍ଥକ ଖିଲ୍‌ଖିଲ୍,
ମନହୁଏ ଲେଖିବାକୁ ପିଲାଳିଆ ପ୍ରେମର କବିତା
ରାତି ଚେଇଁ।
ମନହୁଏ ନାଚିବାକୁ, ହେବାକୁ ଉଦାସ
ଫୁଲଦେଖି, କହ୍ନଦେଖି, ମହୁମାଛି ଦେଖି
ବିନା କାରଣରେ।

ପଚାଶ ବର୍ଷରେ
ଏବେ ମଧ୍ୟ ଫେରିଆସେ
ଭୀରୁପାଦେ, ଛପିଛପି
ଶୈଶବ ଓ କୈଶୋରର ଦିନ।

❖❖❖

Digitized by srujanika@gmail.com

# ଅଜାଣତରେ

ପଚିଶ ବର୍ଷ ତଳେ
ଉଜ୍ଜ୍ୱଳ ଆଖିଡୋଳାରେ ସ୍ୱପ୍ନବୋଳି
ଯେତେବେଳେ କବିତା ଲେଖୁଥିଲି
ଜହ୍ନ, ଫୁଲ ଓ ଭ୍ରମରକୁ ନେଇ
କବିତାରେ
ଜହ୍ନ, ଫୁଲ ଓ ଭ୍ରମର ଆସୁନଥିଲେ
ଆସିଯାଉଥିଲ ତମେ
ଅଜାଣତରେ ।

ପଚିଶବର୍ଷ ପରେ
ସ୍ତିମିତ ଆଖିଡୋଳାରେ
ବହଳ ଯବକାଚ ପିନ୍ଧି
ଯେତେବେଳେ କବିତା ଲେଖିବାକୁ ଯାଉଛି
ନଦୀ, ହ୍ରଦ ଓ ପାହାଡକୁ ନେଇ
କବିତାରେ
ନଦୀ, ହ୍ରଦ ଓ ପାହାଡ ଆସୁନି,
ଆସିଯାଉଛ ତମେ,
ଏବେବି, ଅଜାଣତରେ ।

Digitized by srujanika@gmail.com

# ମୁଁ ଯଦି

ମୁଁ ଯଦି ମଳୟ ହୋଇଥାଆନ୍ତି,
ବହି ଯାଇଥାଆନ୍ତି ତମ ଝର୍କା ଦେଇ
ଭୁରୁ ଭୁରୁ ଫୁଲର ବାସ୍ନା ନେଇ ସାଥିରେ,
ଆଣିଦେବା ପାଇଁ ନିଦ
ତମ ବହଳ ଆଖି ପତାରେ ।

ମୁଁ ଯଦି ନିଦ ହୋଇଥାଆନ୍ତି
ଆଣି ଦେଇଥାଆନ୍ତି ତୁମକୁ ସ୍ୱପ୍ନ,
ମାଳମାଳ ରଂଗବେରଂଗୀ ସ୍ୱପ୍ନ
ପୌଷର କୁହୁଡିମିଶା ରାତିରେ ।

ଆଚ୍ଛା କହତ !
ମୁଁ ମଳୟ ନହେଲେ ବି
କଅଣ ନିଦ ଆଣି ଦିଏନି ତମ ଆଖିରେ ?
ମୁଁ ନିଦ ନହେଲେ ବି
କଅଣ ସ୍ୱପ୍ନ ଆଣି ଦିଏନି ତମ ମନରେ ?
ତାହେଲେ କଅଣ ଫରକ୍ ପଡୁଛି
ମୁଁ ମଳୟ ନହେଲେ
ବା ନିଦ ?

❖❖❖

Digitized by srujanika@gmail.com

# ବଦମାସ୍ ବର୍ଷା

ବସୁମତୀ ସାରା ଦେହ
ଓଦାଳିଆ ଚୁମାରେ ତୁମର
ଖିନ୍‌ଭିନ୍ ।
କି ଭଳି ପ୍ରେମିକ ତମେ ?
ଚୁପ୍‌କିନା ଆସିପାରିଲନି ?
ଆସିଲେ ବି ଦୁନ୍ଦୁଭି ବଜାଇ
ମେଘ ଡମ୍ବରୁର ।

ପ୍ରିୟତମା ଫୁଙ୍ଗୁଳା ଦେହରେ
ଢାଙ୍କିଦେଲ ଶ୍ୟାମଶାଢୀଟିଏ ।
ଭଲ କଲ,
କିନ୍ତୁ କି ଅଲାଜୁକ ତମେ !
ଦିନ୍ ଆସୁଛ
ବେଳ ଅବେଳ ନମାନି
ଆଉ ଭିଜେଇ ଦେଇ ଯାଇଛ
ପ୍ରେୟସୀର ଅଙ୍ଗଲଗା ସବୁଜ ପଣତ
ଶ୍ରାବଣର ପିଚ୍‌କାରୀରେ
ଗୋଟିପଣେ ଜୁଡୁବୁଡୁ କରି ।

ବର୍ଷା !
ତମେ ଭାରି ବଦମାସ୍ ।

❖❖❖

Digitized by srujanika@gmail.com

# କେତୋଟି ସାନ କବିତା

## ଗଛ

ସିଏ ଦେଇଥିଲା
ପାଲିପ୍‌କରା ପଲଙ୍କ
ମଧୁରାତି ପାଇଁ ।
ସିଏ ଇ ଦବ
ସାନବଡ଼ ଶାଖା ଛଅଖଣ୍ଡି
ମହାଯାତ୍ରା ବେଳେ ।
ଡାଳି ବି ଦବ ସୁଗନ୍ଧି
ଚନ୍ଦନ ଡାଳ ହେଇ
ସ୍ୱର୍ଗଦ୍ୱାରର ହୁତ୍‌ହୁତ୍ ହୁତାଶନରେ ।

ଭଲ ମଣିଷଟିଏ
ଆଜି ପର୍ଯ୍ୟନ୍ତ ଖୋଜି ଖୋଜି ପାଇଲିନି ।
ଖରାପ ଗଛଟିଏ ବି ।

## ବୟସ

ଅଠର ବର୍ଷର ପୁଅ
ଓ ଅଶିବର୍ଷର ବାପାଙ୍କୁ ନେଇ
ଯିବାକୁ ଇ ପଡିଲା ।
ଜଣେ ପୁରୀ ବା କୋଣାର୍କ ଦେଖିନି ।
ଅନ୍ୟ ଜଣକ ସନ୍ଦିହାନ
ଭବିଷ୍ୟତରେ ଆଉ କେବେ

Digitized by srujanika@gmail.com

ଦେଖିପାରିବେ ବୋଲି ।
ଫେରିବା ରାସ୍ତାରେ
ପୁଅ କହିଲା,
ତାକୁ ଭଲ ଲାଗିଲା ସୂର୍ଯ୍ୟ ମନ୍ଦିର,
ବଡ ଦେଉଳ ନୁହେଁ ।
ବାପା କହିଲେ,
ତାଙ୍କୁ ଭଲଲାଗିଲା ବଡଦେଉଳ
ସୂର୍ଯ୍ୟମନ୍ଦିର ନୁହେଁ ।

## ବୋଉ

ବାଉନ ବର୍ଷରେ,
ଏବେବି ଘରକୁ ଗଲେ
ପିଣ୍ଡା ତାରରେ ଟଙ୍ଗା ହେଇଥିବା
ତା 'ର ଆଡ ମଇଳା, କୁମ୍ଭଧଡିଆ ଶାଢୀରେ
ଭାତ ଖାଇ ସାରି
ମୁଁ ମୁହଁ ପୋଛେ ।
ବାସ୍ତରୀ ବର୍ଷରେ,
ଏବେ ବି ଘରକୁ ଗଲେ
କେଉଁ ବାହାନାରେ ପାଖରେ ବସି
କଖମ୍ ହେଇଥିବା
ମୋ କାଣୀ ଆଙ୍ଗୁଠି ପଗଟି ଧରି
ସିଏ ଆଉଁଷି ଦିଏ
ଥିଇର୍ କି ।

## ସମୟ

ଚମତ୍କାର ଯାଦୁଗରଟିଏ,
ସବୁଠାରୁ ଗହୀରା କ୍ଷତରେ

Digitized by srujanika@gmail.com

ଆଶ୍ଚର୍ଯ୍ୟ ମଲମଟିଏ ବୋଲି
ପଟି ବାନ୍ଧିଦିଏ ।
ଆଉ ବୁଲେଇଦିଏ କାଉଁରୀକାଠି ।
ଭରି ଆସେ କ୍ଷତଚିହ୍ନ ।
ଯୋଖି ହେଇଆସେ
ସ୍ନାୟୁ, ମାଂସ, ଓ ରକ୍ତନାଡୀ,
ଖାଲି ଯାହା ରହିଯାଏ
ଭବିଷ୍ୟତ ପାଇଁ
ଭଲକରି ଦିଶୁ ନଥିବା
ଫିକା ଦାଗଟିଏ ।

## ସଙ୍ଗୀତ

କେଉଁଠି କେମିତି
ସବୁ ଲଣ୍ଡଭଣ୍ଡ ହେଇଯାଏ
ସେ ସ୍ୱନରେ ।
ରାଧିକା ନୀର ଆଣୁ ଆଣୁ
ବାଟ ଭୁଲେ ।
ଧେନୁ ପଲ କାନ ତେରି ରହନ୍ତି
ତଟସ୍ଥ ହୋଇ ।
ବନସ୍ତର
ଶୁଖିଲା କାଠରେ ନିଆଁଲାଗେ,
ତରଳିଯାଏ
ବରଫ, ଶିଳାଖଣ୍ଡ,
ମଣିଷ ହୃଦୟ
କିବା ଛାର ତା' ଆଗରେ !

❖❖❖

Digitized by srujanika@gmail.com

# କ୍ଷୀର ଭାତ ନୁହେଁ

"ହାତୀ ଦେବି, ଘୋଡ଼ା ଦେବି
ସରଗର ଚାନ୍ଦ ଦେବି
ଖଜା ଦେବି, ମୁଆଁ ଦେବି
ପାରିଜାତ ଫୁଲ ଦେବି
କ୍ଷୀର ଭାତ ଖାଇଦେ"

ଛଅ ବର୍ଷର ପୌତ୍ରଟିକୁ
ଯେତେ ଫୁସ୍‌ଲେଇଲେବି
କାମ ହେଲାନି ।
ଆମେ ସବୁ କୁଆଡେ
ତାକୁ ଠକି ଆସିଛୁ ଏପର୍ଯ୍ୟନ୍ତ
କ୍ଷୀରଭାତ ଦେଇ ।
ଚାଖିବାକୁ ଇ ଦେଇନୁ ତାକୁ
ପୃଥିବୀର ସବୁଠୁ ସ୍ୱାଦିଷ୍ଟ ଜିନିଷଟି ।

କାଲି ସିଏ
ସମ୍ବାଦପତ୍ରର ପ୍ରଥମ ପୃଷ୍ଠାରେ
ବଡ ବଡ ଅକ୍ଷରରେ ଛପା ହୋଇଥିବା
ଖବରଟି ପଢିଛି,
ଲୋକମାନେ ଟଙ୍କା ଖାଉଛନ୍ତି ।
ଜିଦ୍ ଧରିଛି
ସିଏ ବି ଟଙ୍କା ଖାଇବ,
କ୍ଷୀର ଭାତ ନୁହେଁ ।

❖❖❖

Digitized by srujanika@gmail.com

# ଗଙ୍ଗା ଯମୁନା

ଆଜି ଦେଖିଲି
ପ୍ରଦର୍ଶନୀରେ
ଅଦ୍‌ଭୁତ ଗଛଟିଏ।
'ଗଙ୍ଗା ଯମୁନା',
ଝଙ୍କାଳିଆ ବୁଦାର
ଚମତ୍କାର, ମନଲୋଭା ଗଛଟିଏ।

ପତ୍ରର ଉପରପାଖ
ଚକ୍‌ଚକ୍, ଗହନ ସବୁଜ
ଆଉ ତଳପାଖ
ବିଲ୍‌କୁଲ ଭିନ୍ନରଂଗ
କଳାମିଶା ଲାଲ୍।

ଦୋକାନୀ ବୁଝେଇଦେଲେ
ଗଛଟି ଅସାଧାରଣ
ଉପରୁ ଭଳିଏ
ଆଉ ଭିତରୁ ଭଳିଏ।

ଉତ୍ତର ଦେଲି
"ଏଇଟା ତ
ମଣିଷର ଏକ୍‌ଚାଟିଆ ଅଧିକାର
ଗଛ ପାଇଲା କେମିତି ?"

Digitized by srujanika@gmail.com

# ପକ୍ଷୀ

ଆରଜନ୍ମକୁ
ମୋତେ ପକ୍ଷୀଟିଏ କର,
ରଂଗବେରଂଗୀ ଛିଟଡେଣାର
ପକ୍ଷୀଟିଏ ।
ଯେମିତିକି ଉଡ଼ି ବୁଲିପାରିବି
ଉନ୍ମୁକ୍ତ ହୋଇ
ଭୌଗୋଳିକ ସୀମାରେଖା ନଥିବା
ଆକାଶର ଅସୀମତାରେ ।

ଆରଜନ୍ମକୁ
ମୋତେ ପକ୍ଷୀଟିଏ କର ।
ହାଲ୍‌କା, ତୋଫା, ସାଦା ଡେଣାର
ପକ୍ଷୀଟିଏ ।
ଯେମିତିକି ଯାଇ ବସିପାରିବି
ବୈକାଳିକ ଗୀତ ଗାଉଗାଉ
ଗୀର୍ଜାରେ, ମସ୍‌ଜିଦ୍‌ରେ
କିମ୍ବା
ଫର୍‌ଫର୍ ବାନା ଉଡୁଥିବା
ମନ୍ଦିର ଚୂଡ଼ାରେ ।

❖❖❖

Digitized by srujanika@gmail.com

# ପ୍ରଣୟିନୀ

ପୃଥିବୀର ସବୁତକ
ସଫଳ ପ୍ରେମକବିତା
ପରକୀୟା ପ୍ରୀତି ନେଇ କାହିଁକି ?
ପାପବୋଧର
ସାମାନ୍ୟ ସ୍ପର୍ଶ ନଥିଲେ,
ନିଷେଧର
କଣ୍ଟାବାଡ ନ ଡେଇଁଲେ
କଅଣ ପ୍ରେମ ସମ୍ଭବ ନୁହେଁ ?

ତମେ କବି ହେଲନି କାହିଁକି ?
ତାହେଲେ ଅନ୍ତତଃ
ପୃଥିବୀରେ ଗୋଟିଏ ହେଲେ
ପ୍ରେମକବିତା ରହିଯାଇଥାଆନ୍ତା
ପ୍ରମାଣ କରିବା ପାଇଁ
ଯେ ପତ୍ନୀ ବି ହେଇପାରେ
ପ୍ରଣୟିନୀ ।

❖❖❖

Digitized by srujanika@gmail.com

# ଉତ୍କଳମଣିଙ୍କ ପାଇଁ ଦୁଇଟି କବିତା

## (୧) କ୍ଷମାକର

ତୁମପାଇଁ
କବିତା ଲେଖିବାର ଧୃଷ୍ଟତା କରିଛି
କ୍ଷମାକର।
ଦୀନବାନ୍ଧବଙ୍କ ପାଇଁ,
ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି
ସେଫର୍ସ କଲମରେ କବିତା ଲେଖୁଛି
ମୋତେ କ୍ଷମାକର।
ଭୁବନେଶ୍ୱରର ଗୋପବନ୍ଧୁ ଛକଦେଇ
ମାରୁତି ଚଲାଇ ଗଲାବେଳେ
ଯିଏ ମୁହୂର୍ତ୍ତକ ପାଇଁ ବି
ତୁମ ପ୍ରତିମୂର୍ତ୍ତିକୁ ଥରେ ଫେରି ଚାହିଁନି
ସିଏ ଆଜି ତୁମପାଇଁ କବିତା ଲେଖୁଛି
ତାକୁ କ୍ଷମାକର।

କିନ୍ତୁ ସତକଥା କଅଣ ଜାଣ ?
ଏସବୁ ସ୍ୱାର୍ଥପରତା ସତ୍ତ୍ୱେ ବି
ପ୍ରତିଦିନ ସକାଳେ
ସମାଜର ପ୍ରଥମ ପୃଷ୍ଠାରେ ଥିବା
ତୁମ ନାଁ'ଟି ଯେତେବେଳେ ଆଖିରେ ପଡ଼ିଛି

Digitized by srujanika@gmail.com

ମନେପଡିଯାଇଛି
ପିଲାଦିନେ ପାଠ୍ୟପୁସ୍ତକରେ ଦେଖା
ତମର ଗୋଟିଏ ଫଟୋଗ୍ରାଫ୍ ।
ଗହଳ ଶ୍ମଶ୍ରୁ ଭିତରେ
ମୁହଁର ରୂପରେଖ ଯେତେ ସ୍ପଷ୍ଟ ନୁହେଁ,
କିନ୍ତୁ ସେ ଫଟରେ
ହୀରାଖଣ୍ଡ ପରି ଝଟକୁଥିବା
ଦୁଇଟି ଉଜ୍ଜ୍ୱଳ ଓ କରୁଣ ଆଖିର ଚାହାଣୀ
ସତେ ଯେମିତି ଦୋହଲେଇ ଦେଇଛି ମୋତେ ।
ଫମ୍ପା କରିଦେଇଛି
ଜୀବନର ସମସ୍ତ ମୂଲ୍ୟବୋଧ ।
ବାଧ୍ୟ କରିଛି ମତେ ଚାହିଁବାକୁ
ଚଟାଣ ପୋଛୁଥିବା ଅର୍ଦ୍ଧନଗ୍ନ ସ୍ତ୍ରୀଲୋକଟିକୁ
ଆଉ ମୋ ପାଦପାଖରେ ବସିଥିବା
ତା'ର ପାଞ୍ଚବର୍ଷର ପଙ୍ଗୁ
କନ୍ୟା ସନ୍ତାନଟିକୁ ।
ଅଜାଣତରେ
ଆଖିରେ ଜକେଇ ଆସିଛି ଲୁହ ।

ସାମାନ୍ୟ ସେଇ ଦୁଇବୁନ୍ଦା
ଲୁଣିଆ ଲୁହଠୋପାରେ
ତୁମକୁ ତର୍ପଣ କରିବାର ସାହସ କରିଛି
ଉତ୍କଳମଣି !
ମତେ କ୍ଷମାକର ।

Digitized by srujanika@gmail.com

## (୨) ହୃଦୟ

ତମର ତ କିଛି ନଥିଲା ।
ଧନ ସଂପତ୍ତି, କୋଠାବାଡି
ଜମିଜମା, ବାରିବଗିଚା
କିଛି ବି ତ ନଥିଲା ତମର ।
ସବୁକିଛି ହଜେଇ ଦେଇଥିଲ
ଜନ୍ମମାଟିର ମାୟାରେ ମୋହିତ ହେଇ,
ଏପରିକି
କୋଳ ଉଜ୍ଜ୍ୱଳ କରି ଆସିଥିବା
ଜକଜକ କଳାମାଣିକଟିକୁ ମଧ୍ୟ ।

ତମର ତ କିଛି ନଥିଲା ।
କେବଳ ମୁଠାଟିଏ ହୃଦୟକୁ ବାଦ୍ ଦେଲେ
କିଛି ବି ତ ନଥିଲା ତମର ।
ଆମ ସଭିଙ୍କର ଅଛି ହୃତ୍‌ପିଣ୍ଡ ।
ଲିଚୁକୋଳି ଆକାରର
ତିନି ଆୟତନ ବିଶିଷ୍ଟ
ରକ୍ତ ପମ୍ପ କରୁଥିବା ମେସିନ୍‌ଟିଏ ।
କିନ୍ତୁ ତମ କ୍ଷେତ୍ରରେ
ସେ ହୃତ୍‌ପିଣ୍ଡକୁ ଆବୋରି ବସିଥିଲା
ସଂପୂର୍ଣ୍ଣ ରୂପେ
ଦୟାବାନ୍ ଓ ଦୁଃଖୀ
ହୃଦୟଟିଏ
ହୃଦୟଟିଏ ।

❖❖❖

Digitized by srujanika@gmail.com

# ମେଘ ଓ ମେଘଦୂତ

## ମେଘ

ଜ୍ୟୈଷ୍ଠର ତାତିରେ
ଡାକିଥିଲି ତୁମକୁ ।
ତମେ ଆସିଲ
ମୌସୁମୀ ମେଘ ହେଇ
ଅନେକ ଦିନ ପରେ ।
ଆଉ ବୁଝେଇଦେଲ
ବର୍ଷା ବି ବୋଳି ଦେଇପାରେ
ଉତ୍ତାପ
ଦେହସାରା ।
ବୁଝେଇ ଦେଲ
ଦହନର ଜ୍ୱାଳା ଯେତେ
ବିରହୀ ଯକ୍ଷର
ଆଷାଢର ପ୍ରଥମ ତିଥିରେ ।

## ମେଘଦୂତ

ଆଷାଢର ପ୍ରଥମ ତିଥିରେ
ବର୍ଷାରେ ଭିଜି ଭିଜି
ପଠାଇଥିଲି ତୁମକୁ ସନ୍ଦେଶ
ମେଘ ହାତରେ ।
ତମେ ମେଘଦୂତ ପଢିନ ,
ତେଣୁ ବିବ୍ରତ ହେଇ ବନ୍ଦ କରିଦେଲ

Digitized by srujanika@gmail.com

ତମ ବଖରାର ସବୁତକ ବାତାୟନ
ଆକାଶରେ
କଳାଘୁମର ବାଦଲ୍‌କୁ ଦେଖି ।
ମେଘ କିନ୍ତୁ ବେଶ୍ ବଶମ୍ବଦ ମୋ 'ର,
ତୁମ ଦରବୁଜା ଖିଡ଼୍‌କୀର ଫାଙ୍କ ଦେଇ
ଓଦା କରିଦେଇ ଆସିଛି
ପାଣି ଛିଟାରେ,
ତୁମ ବିଛଣାର କିୟଦଂଶ ।
ଛାଡ଼ି ଆସିଛି ତମ ଶେଯରେ
ମୋ ' ଦେହର ବାସ୍ନା
ମୋ ' ମନର ସୁଗନ୍ଧି,
ଆଜି ରାତିରେ ତମେ
ମୋତେ ସ୍ୱପ୍ନ ଦେଖିବ ବୋଲି ।

❖❖❖

Digitized by srujanika@gmail.com

# ପୁଅ ପାଇଁ ଦୁଇଟି କବିତା

(୧)

ବର୍ଷ ବର୍ଷ
ବୁନ୍ଦା ବୁନ୍ଦା ପାଣିଢାଳି
ଖରା ଧାସରୁ ବଞ୍ଚାଇବା ପାଇଁ
ବାଉଁଶ ଚାଞ୍ଚରାରେ ଢାଙ୍କି
ଚେରକୁ ମଜବୁତ୍ କଲାପରେ
ହଠାତ୍ ଗଛଟି ବଢିଯାଏ,
ଆଖି ପାଏନି କି କୁଣ୍ଢ ପାଏନି ।
ଏତେ ଉଞ୍ଚରେ ତା ମଥା !
ମୋ କଥା ଆଉ ଶୁଭେନି ତାକୁ ।
ବରଂ ସିଏ ଗପ କରେ
ହଠାତ୍ ଉଡିଆସି ତା ଡାଳରେ ବସିଥିବା
ରଂଗିଲୀ ଚଢେଇଟି ସହିତ ।

(୨)

ତିରିଶ ବର୍ଷ ତଳେ
ତତେ ଯେତେବେଳେ ପଚାରୁଥିଲି
କୌତୁକରେ,
ତୁ କାହାକୁ ବେଶି ଭଲପାଉ ବୋଲି,
ମାୟାମୟ ହସହସି
ଓ ଚୁନାଚୁନା ମଲ୍ଲିକଡ ପରି ଗଡ଼ି ଆସୁଥି
ଦୁଧଦାନ୍ତ କେଇଟି ଦେଖାଇ

Digitized by srujanika@gmail.com

ତୁ ତୋ ତର୍ଜନୀଟି ବଢେଇ ଦେଉଥିଲୁ
ମୋ ' ଆଡ଼େ ।

ତିରିଶ ବର୍ଷ ଉତାରୁ
ଆଜି ଯେତେବେଳେ ତତେ ପଚାରେ
କୌତୁକରେ,
ତୁ କାହାକୁ ବେଶୀ ଭଲପାଉ ବୋଲି,
ମାୟାମୟ ହସହସି
ତୁ ' ତୋ ତର୍ଜନୀଟି ବଢେଇ ଦେଉ
ଚୁନାଚୁନା ମଲ୍ଲିକଢ ପରି
ଦୁଧଦାନ୍ତ କେଇଟି ଗଜୁରି ଆସୁଥିବା
ତୋ ଝିଅ ଆଡେ ।

❖❖❖

Digitized by srujanika@gmail.com

# ମର୍ଯ୍ୟାଦା

(ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀଙ୍କୁ)

ତୁମକୁ ତିଆରି କଲାବେଳେ
ଭଗବାନ୍ ଟିକିଏ ଭୁଲ୍ କରିଦେଲେ,
ଭୁଲିଗଲେ ଟିକିଏ ଖାଦ ମିଶେଇବାକୁ,
ଭୁଲିଗଲେ
ଯେ ନିଗୁଡା ସୁନାରେ ଗହଣା ହୁଏନି,
ତାଙ୍କୁ ବୋଧହୁଏ
ବହୁତ ପରିଶ୍ରମ କରିବାକୁ ପଡିଥିଲା,
ଉଜାଗର ରହିବାକୁ ପଡିଥିଲା
ଅନେକଗୁଡିଏ ନିଦ୍ରାହୀନ ରାତି।
ତେଣୁ ବିରକ୍ତିରେ
ତମ ପରେ ପରେ
ସେ ଛାଞ୍ଚଟିକୁ ନଷ୍ଟ କରିଦେଲେ ସିଏ,
ଆଉ ସେଇଥିପାଇଁ
ଦ୍ୱିତୀୟ ମଣିଷ ସୃଷ୍ଟି ହୋଇପାରିଲାନି
ତୁମ ଭଳିଆ।
ତମେ ରହିଗଲ ତମପରି,
ତମେ ତ ଖାଲି ମଣିଷ ନୁହଁ
ତମେ ଜୀବନ ଜୀଇଁବାର
ଗୋଟେ ଖିଆଲ୍।

ବୋଉ କହେ
ସଂସାରରେ ଅଚଳ ଦୋଅଣି

Digitized by srujanika@gmail.com

ଆଉ କିଏ କଅଣ କହୁଥିବ ଅବା ।
କିନ୍ତୁ ଶତପ୍ରତିଶତ ବ୍ୟକ୍ତି
କଥା ପଡିଲେ କହନ୍ତି
ବିନା ଦ୍ୱିଧାରେ
"ଭଲ ଲୋକ ।"
କିଛି କମ୍ କଥା ନୁହେଁ
ବିଶେଷତଃ ଏ ଯୁଗରେ ।

ତମେ ରକ୍ତ ଦେଇଛ
ମାଂସ ଦେଇଛ,
ଜୀବନ ଦେଇଛ
ସ୍ନେହ ଦେଇଛ,
କିନ୍ତୁ ସବୁଠୁ ବଡଜିନିଷ
ତମେ କଅଣ ଦେଇଛ ଜାଣ ?
ଏବେବି ତମ ନାଁ 'ଟି କହିଲାବେଳେ
ଅମୁକ ଲୋକର ଝିଅ ବୋଲି
ପରିଚୟ ଦେଲାବେଳେ,
ମେରୁଦଣ୍ଡ
ମନକୁ ମନ ଟିକିଏ ସଳଖିଯାଏ ।
ମୁଣ୍ଡ ଉଞ୍ଚାକରି
ସିଧା ଆଖିରେ ଆଖି ମିଳେଇ
ଲୋକଙ୍କୁ କହିହୁଏ
ବାପର ନାଁ ' ।
ତମେ ଦେଇଛ
ଗୋଟିଏ ଭଲ ମଣିଷର
ସନ୍ତାନ ହେବାର ମର୍ଯ୍ୟାଦା
କେତେଜଣ ଦେଇପାରନ୍ତି ଏପୃଥିବୀରେ ?

❖❖❖

Digitized by srujanika@gmail.com

# ଆତ୍ମକାହାଣୀ

ଆଜିକାଲି
ବହୁତ ଖୋଜେ ମୁଁ ସେଇ ଝିଅଟିକୁ
ବହୁତ ଖୋଜେ ।
ସକାଳର ଗୋଲାପି ସୂର୍ଯ୍ୟାଲୋକରେ
ସୁନାଗଳା ଖରାର ଅପରାହ୍ନରେ
ଓ ରୂପା ଛଳଛଳ ଜହ୍ନରାତିରେ ।
ଶ୍ରାବଣର ବର୍ଷାରେ
ଓ ପୌଷର କୁହୁଡ଼ିରେ ।
ବହୁତ ଖୋଜେ ମୁଁ ସେ ଝିଅଟିକୁ
ବହୁତ ଖୋଜେ ।

ସେଇ ଝିଅଟି,
ଯା'ର ଗତି ଥିଲା
ଜଙ୍ଗଲୀ ନଦୀପରି ତର୍ ତର,
ତେଲ ଚୁକ୍ ଚୁକ୍ ଲମ୍ବ ବେଣୀରେ ଯା'ର
ଫୁଲଥିଲା
ହଳଦୀ ଓ ନାରଙ୍ଗୀ ଫିତାର ।
ଏବଂ ଫିକ୍ କିନା ହସିଦେଲେ
ଯା'ର ଭଉଁଗୀ ଖେଳୁଥିଲା
ଗୋଲ୍ ଗାଲ୍ ଦୁଇଗାଲ ମଝିରେ ।

ମିଜାଜ୍ ତା'ର ଥିଲା ଫୁର୍ ଫୁର୍
ଫଙ୍ଗଲଗା, ଭାସମାନ

Digitized by srujanika@gmail.com

ଶିମିଳିର ମଞ୍ଜିପରି ।
ଆଉ କଷି କଷି ଆମ୍ବପତ୍ର ଭଳି
କଳ୍ପନାର ଡେଣା ଥିଲା ଫିନ୍‌ଫିନ୍ ।
ତୋଳାରେ ତା'ର ଥିଲା
ବନପାହାଡ ଓ ଜୀବନକୁ
ଶୋଷିନେବାର ଆସ୍ପର୍ଦ୍ଧା
ଆଉ କଲମ ମୂନରେ ଥିଲା କବିତା ।

ଆଜିକାଲି
ବହୁତ ଖୋଜେ ମୁଁ ସେ ଝିଅଟିକୁ
ବହୁତ ଖୋଜେ ।
ଆଶ୍ଚର୍ଯ୍ୟ କଥା
କେମିତି ଯେ ଭୁଲିଯାଏ
ଯେ ସେଇ ସ୍ୱପ୍ନମୟୀ,
ସପ୍ତଦଶୀର ଶବଟିକୁ
ମୁଁ ବୋହି ବୋହି ଚାଲିଛି ନିଜ ଭିତରେ
ବର୍ଷ ବର୍ଷ ଧରି
ବର୍ଷ ବର୍ଷ ଧରି ।

❖❖❖

Digitized by srujanika@gmail.com

# ସଭିଙ୍କ ଭିତରେ ଜଣେ

ଭୟରେ
ଜୀବନଯାକ ଚାଲିଛି
ସଭିଙ୍କ ଭିତରେ ଜଣେ ହୋଇ
ଜନତାର ସ୍ରୋତରେ ।
ଚାଲିଛି
ଯେଉଁଠି ଗହଳି, ଲୋକବାକ
ଆଲୁଅ, ଦୋକାନ ବଜାର
ହଜିଯିବାର ଭୟ ନାହିଁ,
ବାଟ ଭୁଲିବାର ବି ।

ମୂଳରାସ୍ତାରୁ ବାହାରିଥିବା
ସାନ ସାନ ଗଳିମାନଙ୍କୁ
କେବେ କେମିତି ଉହୁଙ୍କି ଦେଖିଛି ।
ଚଉଖୁଣ୍ଟିଆ ଘାସପଡିଆ
ଟକ୍‌ଟକ୍ ନାଲି ଫୁଲ ଲଦା
ପାଳଧୁଆ ଗଛର ଧାଡି,
ଖପରଲି ଚାଳ ଉପରେ
ଲାଉଡଙ୍କର ସବୁଜ ଟୋପର,
କଳମଶାଗ ଭର୍ତ୍ତିଗଡିଆ,
କୂଳରେ ତା'ର
ମାଛରଙ୍କା, ପାତିହଂସ
ଲମ୍ବାଳିଆ, ସିନ୍ଦୂରୀ ଚଂଚୁର ।

Digitized by srujanika@gmail.com

କେବେ କେମିତି
ନଜର୍‌ରେ ପଡିଛି
ବାସ୍ଥାଦାର ଖିଲୀପାନ ବିକୁଥିବା
ଗୁମୁଟି ଘରଟି
ଏବଂ ତା ' କଡକୁ ଲାଗି
ଉହ୍ନେଇରେ ମକା ସେକି ଖାଉଥିବା
ଶ୍ୟାମଳ ଓ ସ୍ୱାସ୍ଥ୍ୟବାନ୍
ଖୁସ୍‌ମିଜାଜ୍ ଲୋକସବୁ ।

ଅନେକଥର ଲୋଭ ହେଇଛି
ଭାବିଛି-
ଯାଏ ଥରେ, ଦେଖିଆସେ
ଏଠି ବୋଧେ ଅନୁଭୂତି ଭିନ୍ନ ।
କିନ୍ତୁ ଯାଇପାରିନି
ଅନ୍ୟମାନଙ୍କଠୁ
ଅଲ୍‌ଗା ହୋଇଯିବା ଭୟରେ ।
ଜୀବନଯାନ
ଚାଲିଛି ଠିକ୍ ନାକସିଧା
ମୁଖ୍ୟ ରାସ୍ତା ଧରି
ସଭିଙ୍କ ଭିତରେ ଜଣେ ହୋଇ
ଜନତାର ସ୍ରୋତରେ ।

❖❖❖

Digitized by srujanika@gmail.com

# ମଣିଷ

ଭାବିଥିଲି,
ଶ୍ରାବଣ ରଂଗେଇଦିଏ ଆକାଶ
ଇନ୍ଦ୍ରଧନୁରେ।
ଚୈତିହାଓ୍ୱା
ମହକେଇ ଯାଏ ଚୌରାହା
କୁସୁମିତ ବସନ୍ତ ବାସ୍ନାରେ।
ଏବଂ ପଉଷର ଶିଶୁ ଅର୍କ
ଚନ୍‌ମନ୍‌ କରିଯାଏ ଶରୀର
ତା'ର ଫିକା ଫିକା ଫୁଟଦିଆ
ଚଂପାରଂଗୀ ଉଷୁମ୍‌ ଖରାରେ।

ଭୁଲ୍‌ ବୁଝିଥିଲି।
ଇନ୍ଦ୍ରଧନୁର ରଂଗ,
ବାସନ୍ତୀ ଫୁଲର ଗନ୍ଧ,
ଏବଂ ଅର୍କର ଉଷ୍ଣତା
କେବଳ ମଣିଷଇ ଦିଏ ମଣିଷକୁ
ତା'ର ପ୍ରୀତି
ଓ ମହାନୁଭବତାରେ।

ସେତିକି ବିନା
ଏ ପୃଥିବୀ
ବିବର୍ଣ୍ଣ ଓ ବାସ୍ନାହୀନ
ଚମତ୍କାର ଛଅଟି ଋତୁ ଥିଲେ ବି।

Digitized by srujanika@gmail.com

# ଚାରୋଟି ପ୍ରେମକବିତା

## ଅଗ୍ନି

ଅଗନାଗ୍ନି ବନସ୍ତରେ
କେବେଦିନେ
ଆଦିମ ବର୍ଣ୍ୟମଣିଷଟିଏ
ଆବିଷ୍କାର କରିଥିଲା
ଅଗ୍ନି ।
ଦେଖିଥିଲା
ଶୈଳସୋପାନରୁ ସାଉଁଟା
ଝକ୍‌ମକିରେ
ଫାଜିଲ୍ ଫୁଲ୍‌ଝରିକୁ ।

ପୃଥିବୀର ଇତିହାସରେ
ଆଜି ଦ୍ୱିତୀୟଥର ପାଇଁ
ମୁଁ ବି ଆବିଷ୍କାର କରିଛି
ଅଗ୍ନି ।
ପାଇଛି ଦପ୍‌ଦପ୍ ରଜନିଆଁର ଦହକ
ଅହରହ
ସ୍ନାୟୁ ଓ ଶିରାପ୍ରଶିରାରେ ।
ମୁଁ ଭଲପାଉଛି
ନୂଆନୂଆ ।

## ତ୍ୟାଗ

ହୃଦୟରେ,
ତୁମେ ଦେଇଥିବା ଟୋପା ଟୋପା ରକ୍ତ

Digitized by srujanika@gmail.com

ଲାଲ୍ ଗୋଲାପର ପାଖୁଡା ହେଇ
ବିଛାଡି ହେଇଯାଉ ତୁମ ଚଲାପଥରେ
ତୁମ ପାଦକୁ ଯେମିତି
ମାଟି ଲାଗିବ ମୁଲାୟମ ।

ଆଖିରେ,
ତୁମେ ଦେଇଥିବା ବୁନ୍ଦାବୁନ୍ଦା ଲୁହ
ବର୍ଷାର ଧାରା ହେଇ
ଝରିଯାଉ ତୁମ ବଗିଚାର
ସାରିବଦ୍ଧ ରଜନୀଗନ୍ଧାରେ
ରେଣୁ ରେଣୁ ବାସ୍ନାରେ ତା'ର
ମହକି ଉଠିବ ଯେମିତି
ତୁମ ସ୍ୱପ୍ନିଳ ବିଭାବରୀ ।

## ବୁମେରାଂ

ତୁମ ସ୍ମୃତିସବୁ
ଭାରି ବଶମ୍ବଦ ମୋର ।
ଫୁତ୍କାର ମାରି ଉଡେଇଦେଲେ ବି
ଠିକ୍ ଫେରିଆସନ୍ତି ମୋ' ପାଖକୁ
ବାରମ୍ବାର
ନେଳି ଆକାଶରେ ଡିଗ୍‌ବାକି ଖାଇ
ମାଲିକ ହାତକୁ ଫେରି ଆସୁଥିବା
କପୋତମାନଙ୍କ ପରି ।

ତୁମ ସ୍ମୃତିସବୁ
ଭାରି ବଶମ୍ବଦ ମୋର ।
ଜୋର୍‌କରି ଦୂରକୁ ଫିଙ୍ଗିଦେଲେ ବି
ଠିକ୍ ଫେରିଆସନ୍ତି ମୋ'ପାଖକୁ
ବାରମ୍ବାର

Digitized by srujanika@gmail.com

ନିପୁଣତାର ସହ ନିକ୍ଷିପ୍ତ
ଏକ ଆଦିବାସୀ ଯୁବାହାତର
ବୁମେରାଂ ପରି

## ଭୂଗୋଳ

ଯିବ ଯଦି ଯାଅ
କ୍ଷତି ନାହିଁ ।
ସୁଦୂର ଦାରୁଚିନି ଓ
ଓ ଲବଙ୍ଗ ଦ୍ୱୀପର ସ୍ୱପ୍ନ
ତୁମ ଆଖିରେ ।
ଅଜଣା ବିପଣୀର ଡାକରା
ତୁମ ସ୍ନାୟୁରେ ,
ଯିବ ଯଦି ଯାଅ
କ୍ଷତି ନାହିଁ ।

କିନ୍ତୁ ମନେରଖ ।
ବୋଇତ ତୁମର
ବୁଲି ବୁଲି ବୁଲି
ଦିନେ ନା ଦିନେ
ଠିକ୍ ପହଞ୍ଚିବ ଏଇ ବନ୍ଦରରେ
ଲଙ୍ଗର୍ ପକାଇବା ପାଇଁ ।
ପୃଥିବୀ ଯେ ଗୋଲ୍ ।

❖❖❖

Digitized by srujanika@gmail.com

# ଗୁଚ୍ଛଟିଏ କୁନିକବିତା

## ବୃତ୍ତ

ଆମର ସଂପର୍କର ସଂଜ୍ଞା
ବହୁତ ସରଳ ।
କେବଳ ଗୋଟିଏ ଶବ୍ଦ,
ବୃତ୍ତ ।

କଣେ କେନ୍ଦ୍ରବିନ୍ଦୁ
ଏବଂ ଆରକଣକ
ତା' ଚାରିପଟେ ଘୂରିବୁଲୁଥିବା
ପରିଧି ।
କିନ୍ତୁ ଆମ ଦୁଇଜଣକ ଭିତରୁ
ବିନ୍ଦୁ କିଏ, ପରିଧି କିଏ
ସେ ସଂପର୍କରେ
ମୁଁ ଆଜିବି ନିଶ୍ଚିତ ହୋଇ ପାରିଲିନି ।

## ଉତ୍କଳ ଦିବସ

କାଂଚନଜଂଘାରୁ କୁମାରୀକା ଯାଏ ଲମ୍ବିଥିବା
ଗଜରା ମଝିର ତଟ୍‌କା ଗୋଲାପ ହୋଇ
ତୁ ଜନ୍ମିଥିଲୁ ଆଜି ।
ତତେ ପଁଷଠି ହେଲା ନା !
ତୁ ରାଗନା ମା !
ତୋ ପଦସେବା ପାଇଁ
ଆମର ଆଉ ବେଳ ନାହିଁ

Digitized by srujanika@gmail.com

ଆଜିକାଲି ପିଲେ
ମାଆକୁ ବୃଦ୍ଧାଶ୍ରମ ପଠେଇ ଦିଅନ୍ତି ।

## ପ୍ରେମ

ଅବାଟରେ ଫୁଟିଥିବା ଫୁଲଟିଏ,
ଲାଗେ
ସବୁଠୁ ନିଆରା
ସବୁଠୁ ବେଶୀ ଖୁଶ୍‌ବୁଦାର୍ ।
ତୋଳି ଆଣି
ଗାଲରେ ଛୁଆଁଇବାକୁ ମନକରି
ଦୌଡିଗଲା ବେଳକୁ
ବାଟଯାକ ନାଗଫେଣୀ କଣ୍ଟା ।

## ମାତୃଭାଷା

ପ୍ରେମ ଚିଠିରୁ ଆରମ୍ଭ କରି
ପୁଅକୁ ଶୁଣାଇଥିବା
ନାନାବାୟା ଗୀତ ପର୍ଯ୍ୟନ୍ତ
ସବୁଠୁ କରିଛି
ତୋ ବର୍ଣ୍ଣମାଳାର ବ୍ୟବହାର ।
ମୁଁ ତୋ'ର ଲୁଣ ଖାଇଛି... ଲୁଣ,
ସେଇଦିନଠୁ
ଯେବେ ସିଲଟ ଧରି ମଡେଇଥିଲି
ଟ ଠ ଡ ଢ ଣ ।

## ଘର

ଏଠି ଶୁଣେ
ଅହର୍ନିଶି
"ଏଇ ତମ ଘରର ଚଳଣୀ ?

Digitized by srujanika@gmail.com

ଏଇଆ ଶିଖେଇଛନ୍ତି ଘରଲୋକେ" ?

ସେଠି ଶୁଣେ
କେବେ କେମିତି ଗଲେ
"ଆସିଚୁ ମାଆ ?
ରହିବୁ କେଇଦିନ
ନା ଫେରିଯିବୁ ତୋ ଘରକୁ ?"

ଏଇଟା ମୋ ଘର ନୁହେଁ
ସେଇଟା ବି ମୋ ଘର ନୁହେଁ
ମୋତେ କହିଦିଅ
ମୋ ଘର ତାହେଲେ କେଉଁଠି ?

## କାଇଁଚ

ତୁମେ ଦେଇଥିବା ଦୁଃଖଯାକ
ଠିକ୍ କାଇଁଚ ମଞ୍ଜି ଅଗର
କୁନି କଳାକାଇଟି ପରି ।
ବୁଝେଇ ଦିଏ
ଯେ ତୁମଠୁ ପାଇଥିବା
ନାଲି ଟୁକ୍‌ଟୁକ୍ ସୁଖତକ
ଦୁଃଖ ଅପେକ୍ଷା
ଢେର୍ ବେଶୀ ।
ଢେର୍ ବେଶୀ ।

❖❖❖

Digitized by srujanika@gmail.com

# ଗ୍ରୀଷ୍ମଦିନ

ସାରା ସହର
ସତେ ଅବା ନେଇଛି ସୌନା ବାଥ୍,
ସାରା ସହର
ସତେ ଅବା ଝିମ୍‌ମାରି ବସିଥିବା
ଜ୍ୱରଗ୍ରସ୍ତ ନିସ୍ତେଜ ରୋଗୀଟିଏ,
ସାରା ସହର
ସତେ ଅବା ବାରୁଦର ଗୋଲା
ଅପେକ୍ଷାରତ
ଦପ୍ କରି ଜଳିଉଠିବା ପାଇଁ
ଅଚାନକ୍।

କଦବା କେମିତି
ଧୂଳିର ଘୂର୍ଣ୍ଣି,
ନାଲି ଧୂଳିର ଦାପଟ୍।
ଦକ୍ଷିଣର ଖୋଲା ଝିଡ୍‌କୀ ଦେଇ
ଚାରିପଟର ଆପାର୍ଟମେଣ୍ଟ ପ୍ରହରୀମାନଙ୍କୁ
ଜବରଦସ୍ତ ଦୁଇ ହାତରେ ଠେଲି
ଝଡ ପଶିଆସେ ମୋ ଘରକୁ
ଦୁର୍ଦ୍ଦାନ୍ତ, ଅମାନିଆ ପ୍ରେମିକ ପରି,
ଚୁମାଦିଏ ଗାଲରେ, ଚିବୁକରେ,
ଅସ୍ତବ୍ୟସ୍ତ କରିଯାଏ

Digitized by srujanika@gmail.com

କବରୀ ଓ ପଣତକାନି ।
ଆଉ ଠିକ୍ ତା' ପରେପରେ
ବଣ୍ୟମଣିଷର ତୀବ୍ରଶରର ଫଳକ ପରି
ଫଟ୍ ଫଟ୍ ବର୍ଷା ।
ଯେ କୌଣସି ଗୋଟିଏ ଗ୍ରୀଷ୍ମଦିନ
ସହରର ।

Digitized by srujanika@gmail.com

# ବହୁତ ଦିନ ପରେ

ବହୁତ ଦିନ ହେଲାଣି
ତମେ ଓ ମୁଁ ବେକାର ଗପ କରିନେ
କଂପ୍ୟୁଟର, ସାହିତ୍ୟ, ଜୀବନ ଦର୍ଶନ
ଅଥବା ବଗିଚାର ଦେବଦାରୁକୁ ନେଇ ।

ବହୁତ ଦିନ ହେଲାଣି ତମେ କହିନ
"ଆଜିକାଲି ସବୁକଥା ଭୁଲିଯାଉଛି
ଭଲପାଏ ବୋଲି କହିବାପାଇଁ ବି" ।

ବହୁତ ଦିନ ହେଲାଣି
ଏକାସାଥିରେ ଚାଲିନେ ଭୋର୍‌ରୁ ଉଠି,
ଭାଙ୍ଗିକି ଆଣିନେ ଅର୍କିଡ୍‌ର ଡାଳ
ଫରେଷ୍ଟ ପାର୍କ ରାସ୍ତା କଡରୁ ।

ବହୁତ ଦିନ ହେଲାଣି
ଏକାଠି ଦେଖିନେ
ସୂର୍ଯ୍ୟାସ୍ତର ମୟୂରକଣ୍ଠୀ ରଂଗ
ପଶ୍ଚିମ ପଟ ଝର୍କା ଫାଙ୍କରେ ।

ବହୁତ ବହୁତ ଦିନପରେ
ହଠାତ୍ ତମେ କାଲି କହିଲ
"ଏଇଟା ସେଇ ନୀଳଶାଢୀ ନା ?......"
ବହୁତ ଦିନ ପରେ
ଦୋଳର ଅଭ୍ରମିଶା ଅବିର
ବିଛାଡ଼ି ହୋଇ ପଡିଲା
ଘରେ, ଅଗଣାରେ, ବିଛଣାରେ ।

❖❖❖

Digitized by srujanika@gmail.com

# ସମାଧି

ମୋ ସମାଧି ଉପରେ
ଫୁଲତୋଡା ଦିଅନା,
ମୁଁ ସେଠି ନାହିଁ ।
ମୁଁ ଅଛି
ଗଙ୍ଗାର ଢେଉରେ,
ସମୁଦ୍ରର ଲବଣରେ
ଓ ପବନର ଗମକ୍‌ରେ ।

ମୁଁ ଅଛି
ସମାଧି ବୁକୁରେ ଥିବା
ରଂଗବେରଂଗୀ ଘାସଫୁଲରେ,
ଓ ରେଣୁ ରେଣୁ ଧୂଳିକଣାରେ ।
ମୋର ଛପା ହୋଇଥିବା
କବିତାର ପଂକ୍ତିରେ,
ମୋତେ ଭଲ ପାଇଥିବା
ମଣିଷମାନଙ୍କ ମନରେ ।

ମୋ ସମାଧିରେ
ଧୂପକାଠି ଜାଳନା
ମୁଁ ସେଠି ନାହିଁ ।

❖❖❖

Digitized by srujanika@gmail.com

# ପୂଜା

ଘରଠୁ ମନ୍ଦିର ଦୂର ।
ସେଇଲାଗି
ବୈଶାଖର ମଧ୍ୟାହ୍ନରେ
ଅଚାନକ ଆସିଥିବା ଯୋଗୀର ଥାଳରେ
ବାଡିଦିଏ ମୁଠାଟିଏ ଅନ୍ନ ।

ଗେଲ କରେ
'ଗେଲୀ'ର କକଳକଳା ପଙ୍ଗୁକନ୍ୟାଟିକୁ ।
ଘରଠୁ ମନ୍ଦିର ଦୂର ।
ସେଇଲାଗି
ଝିରିଝିରି ଝରାପାଣି ଢାଳି
ଧୋଇଦିଏ ଗନ୍ଧରାଜ କଡ,
ବଞ୍ଚାଇ ରଖେ
ମୁମୂର୍ଷୁ ବିହଗଟିକୁ
ଚଂଚୁରେ ତା କ୍ଷୀରଟୋପା ଦେଇ ।

ତ୍ରୁଟି ଗଢେ
ନିଷ୍ଠାର ସହ ।
ଆଉ କବିତା ଲେଖେ
ଖାଲି ସମୟରେ
କିଏ ଜଣେ ପଢି କାଳେ ଖୁସିହେବ ବୋଲି ।
ଘରଠୁ ମନ୍ଦିର
ଯେ ଅନେକ ଦୂର !

❖❖❖

Digitized by srujanika@gmail.com

# ବର୍ଷାର ଶବ୍ଦ

କେତେବେଳେ ଟୁପ୍‌ଟୁପ୍
ବରବଧୂ କଥା ପରି
ବାସର ରାତିରେ ।
କେତେବେଳେ ଠପ୍‌ଠପ୍
ସତେ ଅବା ବୟୋବୃଦ୍ଧ
ଗଛର ଶାଖାରେ
ନିବିଷ୍ଟ କାଠହଣାର
ତୀକ୍ଷ୍ଣ ଚଂଚୁ ଶବ୍ଦ ।
କ୍ଷୀଣକଟି ଅପ୍ସରାର
ନୂପୁର ନିକ୍ୱଣ ପରି
କେତେବେଳେ ଝୁଣୁଝୁଣୁ,
କେତେବେଳେ ରିମ୍‌ଝିମ୍
ତାନ୍‌ପୁରା ଆଳାପ ସରିକା ।

କେତେବେଳେ କଳକଳ ଛଳଛଳ
ସତେବା ମାରୁଛି ଲମ୍ଫ
ଫାଜିଲ୍ ଝରଣାଟିଏ
ପାହାଡ଼ରୁ ଉପତ୍ୟକା ଯାଏ ।
କେତେବେଳେ ଝରଝର
ଯେମିତିକି ଅବିଶ୍ରାନ୍ତ ଲୋତକର ଧାର
ଢାଳେ କିଏ ପ୍ରୋଷିତ ଭର୍ତ୍ତୃକା ।
ଆଉ କେବେ କେବେ
ଛପିଛପି ଆସୁଥିବା
କିଶୋରୀ ପ୍ରେମିକାଟିର
ପାଉଁଜିର ଧାତବ ଆୱାଜ୍ ପରି
ଝୁମ୍ ଝୁମ୍ ଝୁମ୍ ।

❖❖❖

Digitized by srujanika@gmail.com

# ଜୀବନ

ଜୀବନ,
ସିଏ ତ ଖାଲି ଏକ ଅଭ୍ୟାସ,
ଦିନରୁ ସପ୍ତାହ, ସପ୍ତାହରୁ ମାସ
ଏବଂ ମାସରୁ ବର୍ଷ ।
କେବଳ ରୋଜି, ରୋଜଗାର
ଓ ଦୈନନ୍ଦିନତାର ଗ୍ଲାନିରେ ଆହତ
ଅଗଣିତ ମୁହୂର୍ତ୍ତମାନଙ୍କର
ଏକ ନିୟମବଦ୍ଧ ଶୃଙ୍ଖଳା ।

ତମର ସେଇ ଛକବନ୍ଧା, ହିସାବ କରା,
ହଜାର, ହଜାର ଦିନ ଭିତରୁ
ରଖି ପାରିବନି
ମାତ୍ର କେତୋଟି ସବୁଜାଭ ଦିନ
ହିସାବର ବାହାରେ
କେବଳ ମୋ' ପାଇଁ ?
ତମର ଅସଂଖ୍ୟ
କରିତ୍‌କର୍ମା, ଦ୍ରୁତଗତି
ରାତିମାନଙ୍କ ଭିତରୁ
ଦେଇପାରିବନି ମତେ
ମାତ୍ର କେତୋଟି ଅଳସ ଶର୍ବରୀ
ଖର୍ଚ୍ଚ କରିବାପାଇଁ
ବେପରୱା ହୋଇ ?

❖❖❖

Digitized by srujanika@gmail.com

# ଓଡ଼ିଶା

ଆମେରିକାରେ ଆଜନ୍ମ ପ୍ରତିପାଳିତ
ମୋର ତିନିବର୍ଷର ପୌତ୍ରଟି
ତା'ର ମାନଚିତ୍ର ବହିଟି ଖୋଜିଖୋଜି
ମୋତେ ଦେଖେଇଥିଲା ତୋ ଛବି ।
ରଜନୀଗନ୍ଧା କଡିପରି
ତା' କୁନି ତର୍ଜନୀଟି ବଢେଇ ଦେଇ
କହିଥିଲା
'ମୁଁ ଏଇ ଜାଗାର ପିଲା' ।
ମଜାର କଥା
ତା' ମାତୃଭାଷା ସଂପର୍କରେ
କେହି କିଛି ପଚାରିଲେ
ସିଏ ଝଟ୍‌କି ଉତ୍ତର ଦିଏ
ଚମତ୍କାର ଇଂରାଜୀରେ
'ମୋ ମାତୃଭାଷା ଓଡିଆ' ।

ଅନ୍ୟମାନେ ହସନ୍ତି
ମୁଁ କିନ୍ତୁ ଅଭିଭୂତ ହୁଏ,
ଅଭିଭୂତ ହୁଏ ଏଇଥିପାଇଁ
ଯେ ମାଆ ପରି
ଯେତେ ଦୂରରେ ଥିଲେ ବି
ତୁ ଠିକ୍ ମନେରଖୁ ତୋ' ସନ୍ତାନକୁ ।
ବାନ୍ଧିରଖୁ ତାକୁ
ତୋ'ର ଅଦୃଶ୍ୟ
ଓ ମାୟାବୀ ମମତାର ଡୋରିରେ ।

❖❖❖

Digitized by srujanika@gmail.com

# ପାଗଳାମି

ସେ ଲୋକଟି
ଲାଉ ଖାଇବାକୁ ଭଲପାଏନି,
ଆଉ ଜଣେ କିଏ ଅବା
ସୁଖପାଏନି ଗୀତ ଶୁଣିବାକୁ,
ସରୋଦ୍ ବା ଏସ୍‌ରାଜ
କିଛି ମାନେ ରଖେନି ତା' ପାଇଁ ।
ଜଣେ ଯଦି କାହାଣୀ ପଢେ
ଆଉ ଜଣେ କିଏ ଠିକ୍ ସେଇ ସମୟରେ
ତିଆରି କରେ ବିଜୁଳିର ପଙ୍ଖା,
ମନେକା ବିବ୍ରତ
କଇଁଛ ଓ କଙ୍କଡାଙ୍କୁ ନେଇ,
ସଲୀମ୍ ଅଲୀ ଥିଲେ
ଚଢେଇ ନିଶାରେ ପାଗଳ,
ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଆଜି ଯଦି
ସୁଦୂର କେଉଁ ଗ୍ରହରୁ
ସାବ୍‌ଜା ରଂଗର, ସାତଟି ଆଖି ବିଶିଷ୍ଟ
ଉନ୍ନତ, ବୁଦ୍ଧିମାନ୍ ଜୀବଟିଏ
ପୃଥିବୀରେ ପହଞ୍ଚେ
ଆଉ ଦେଖେ
ଫୁଲ ବଗିଚାରେ
ମୁଁ ଗୋଛାଏ ମଲ୍ଲିଫୁଲକୁ ନେଇ ବିଭୋର୍
ସିଏ ବି ନିଃସନ୍ଦେହରେ ମୋତେ କହିପାରେ
'ଇଏ ବଦ୍ଧ ପାଗଳ'

❖❖❖

Digitized by srujanika@gmail.com

# ତୁମପାଇଁ ଦୁଇଟି କବିତା

## (୧) ଖରାଦିନ

ଖରାଦିନ
ଖରାଦିନ ପରି ଲାଗେନି ।
ଅଗଣାର ଜହ୍ନରାତି
ମହକିଯାଏ ମଲ୍ଲିଫୁଲର ବାସ୍ନାରେ ।
ଝର୍କାର
ଭିଜାଭିଜା ବେଣାଚେର ଦେଇ
ପଶିଆସେ ବାଟଭୁଲା
ଚଗଲା ପବନ
କରିବାକୁ ସୁଗନ୍ଧିତ
ଟୋପି ଟୋପି ସ୍ୱେଦର କଣିକା,
ଖିଆଲୀ କୋଇଲିଟିଏ ଗୀତଗାଏ
ନହଜା, ନୁଖୁରା ଡାଳେ
ରହିରହି
ଫଗୁଣ ସରିଯାଇଥିଲେ ବି ।
ନିଶୂନ୍ ଦି'ପହରର
ଚୁପ୍‌ଚାପ୍ କଥା ଭିତରେ
ଖରାଦିନ
ଖରାଦିନ ପରି ଲାଗେନି ।
ତମେ କାଲି ଘରକୁ ଆସିଛ
ଲମ୍ବା ଛୁଟିରେ ।

Digitized by srujanika@gmail.com

## (୨) ସାବିତ୍ରୀ

ଆକାଶରେ ମେଘ ଆଣିଦେଇପାରେ
ଆଣିପାରେ ପଥର୍‌କାଟି ଜଳଧାର,
ଉତ୍ତପ୍ତ ବୈଶାଖରେ
ସୃଷ୍ଟି କରିଦେଇପାରେ
ଦମ୍‌କାଏ ଦକ୍ଷିଣା ପବନ।
ସାତତାଳ ପୋଖରୀରେ ବୁଡ଼ମାରି
ଧରିପାରେ
ପଦ୍ମନାଡ଼ରେ ଗୁଡ଼େଇ ହେଇଥିବା
ନାଗସାପ।
ବନ୍ୟ କପୋତୀ ପରି
ଡେଣା ମେଲି ଉଡ଼ିଯାଇପାରେ
ଚକ୍ରବାଳ ଯାଏ।
ଆଉ ଆଣିଦେଇ ପାରେ
ଖୋଜି ଖୋଜି
ପ୍ରବାଳ ଦ୍ୱୀପରୁ ଜହରାତ୍‌।

ଏମିତି କିଛି କାମ ନାହିଁ
ଯାହାକି ମୁଁ
ନକରିପାରେ ତମପାଇଁ।
ଧର୍ମରାଜଙ୍କୁ
କେଇପାଦ ଅନୁସରଣ କରିବା
ତ ନିହାତି ମାମୁଲି କଥା।

❖❖❖

Digitized by srujanika@gmail.com

# ଅବୁଝା ଲୋକଟି ପାଇଁ

ବିବର୍ଣ୍ଣ କବରୀର ବେଣୀ ତଳେ
ଏବେ ବି କେଉଁଠି ଛପି ରହିଛି
କୃଷ୍ଣକେଶର ଗଭାଟିଏ ।
ଶିରାଳ ଅଙ୍ଗୁଳିର ପଗତଳେ
ଏବେ ବି କେଉଁଠି ଛପିରହିଛି
ଚମତ୍କାର ଚଂପାକଡ କେତୋଟି,
ଧିମେଇ ଆସିଥିବା ରକ୍ତନାଡୀରେ
ଏବେ ବି କେଉଁଠି ଛପି ରହିଛି
ପନ୍ଦର ବର୍ଷର ସ୍ପନ୍ଦନ,
ଏବଂ
ସ୍ତିମିତ ଆଖିଡୋଳାର ତାରାରେ
ଏବେ ବି ବାକି ରହିଯାଇଛି
କିଛିଟା ସବୁଜ ସ୍ୱପ୍ନ ।

ଆହା !
ଲୋକଟି କିଛି ବୁଝେନି,
ଖାଲି ବୟସର ହିସାବ କରୁଥାଏ
ବୟସର ହିସାବ କରୁଥାଏ ।

❖❖❖

Digitized by srujanika@gmail.com

# ବିବାହ ବାର୍ଷିକୀ

ଆଜି ଚାଲ
ଆମ୍ବତାଳରେ ମହକଭରା
ବଉଳ ହୋଇ ଫୁଟିଯିବା ।
ଦୁଇଟି ବଉଳର ଡେମ୍ଫ, ପାଖାପାଖି
ମୃଦୁ ପବନରେ
ପରସ୍ପରକୁ ଛୁଇଁଲା ଭଳିଆ ।

ଆଜିଚାଲ
ହୋଲି ଖେଳିବା ଅଦିନରେ
ସବୁଜ ବା ଗୋଲାପି ପିଚ୍‌କାରୀ ନେଇ ।
ଜୁଡୁବୁଡୁ ହୋଇଯିବା ରଂଗର ବର୍ଷାରେ,
ଅଭ୍ରମିଶା ଅତରୀ ଅବିର
ବୋଳିଦେବା ଗାଲେ ଓ ଚିବୁକେ ।

ଆଜି ଚାଲ
କାଠଚଂପା ପ୍ରଶାଖା ମଝିରେ
ଲଟ୍‌କିଥିବା ବଙ୍କା ଜହ୍ନ
ତୋଳିଦେବ ମତେ
ଥାପିବାକୁ କପାଳରେ
ମଥାମଣି କରି ।

ସମୟର ଆକ୍ରୋଶରେ
ଭଙ୍ଗାରୁଜା କଳିକନ୍ଦି, ଦେହସାରା
ମନ କିନ୍ତୁ ଚୁଲ୍‌ବୁଲୀ
ଠିକ୍ ସେଇ କିଶୋରୀ ଝିଅଟି
ଯାହାକୁ କି ଭେଟିଥିଲ
ଅନେକ, ଅନେକ ବର୍ଷ ଆଗେ
ଆଷାଢର ଶୁକ୍ଳ ଦଶମୀରେ ।

❖❖❖

Digitized by srujanika@gmail.com

# ଏଇ ଭଲ

ଏଇ ଭଲ
ଦେଖାନାଇଁ ଏତେ ବର୍ଷ ।

ଚାଳିଶ୍‌ଟି ବୈଶାଖ ଗଲାଣି
ଉଷୁମ୍, ମାତାଲ୍ ରାତେ
ମଲ୍ଲିଫୁଲ ମହକ ଅକାଡ଼ି ।
ପୃଥିବୀ ଆସିଛି ଘୁରି କକ୍ଷପଥେ
ଚାଳିଶ୍ ଥର
ଆକାଶକୁ ରଂଗବେରଂଗୀ କରି,
ଏଇ ଭଲ ।
ଦେଖାନାଇଁ ଏତେ ବର୍ଷ ।

ତରତର ଚାଲି ଆଉ ନାହିଁ ।
ବେଣୀ ମୋର ଧରିଲାଣି
ଲୁଣ ଆଉ ମରିଚର
ମିଶାମିଶି ରଂଗ ।
ଚଷମାର ଯବକାଚ ବେଶ୍ ମୋଟା ।
ଚିବୁକର କଳାକାଇ
ହେଲାଣି ନିଖୋଜ୍
ସେଠି ଏବେ ଥାକ ଥାକ
ଚର୍ବିର ଫସଲ୍ ।

Digitized by srujanika@gmail.com

ସମୟର କୁହୁଡିରେ
କିଛି କିଛି ଝାପ୍‌ସା ହେଲେ ବି
ମନେ ତୁମ ରହିଥାଉ
ମଧୁବନ୍ତୀ କେଉଁ ଏକ
କିଶୋରୀର କମନୀୟ ଛବି ।
ଦେଖାନାଇଁ ଏତେବର୍ଷ
ଏଇ ଭଲ
ଏଇ ଭଲ ।

❖❖❖

Digitized by srujanika@gmail.com

## ସଙ୍କେତ

କେଉଁ ଋତୁରେ ଆସିବ ଜାଣେନି ।
ମଲ୍ଲିଫୁଲ ମହକା ଗ୍ରୀଷ୍ମ ରାତିରେ
ଅଥବା ଗଙ୍ଗଶିଉଳି ବାସ୍ନାର
ଶାରଦ ସକାଳେ ।
କେଉଁ ତିଥିରେ ଆସିବ ଜାଣେନି ।
ଜ୍ୟୋତ୍ସ୍ନାଭିଜା ପୌର୍ଣ୍ଣମାସୀରେ
ଅଥବା କଜଳଗୋଳା ଅମାବାସ୍ୟାରେ ।
ହୁଏତ ପହଞ୍ଚିଯିବ
ଅଚାନକ୍ ।

ସେଇଲାଗି ଖଞ୍ଜି ଦେଇଛି
ନକ୍ସାକଟା କବାଟ ଦେହରେ
ଶକ୍ତ ଘନ ଧାତୁର ବଳୟ
ତୁମେ ଆସିବାର ସଂକେତ
ଉନ୍ମନା ମୋ ପାଇଁ
ଦେଇପାରିବ ବୋଲି ତତ୍କ୍ଷଣାତ୍ ।

❖❖❖

Digitized by srujanika@gmail.com

# ବିବର୍ତ୍ତନ

ମୁଁ କଢରୁ ଫୁଲ ହୋଇଥିଲି
ତୁମେ ଛୁଇଁଥିଲ ବୋଲି ।
ଫୁଲ ମୁଁ ଫଳବତୀ ହୋଇ
ଝରିଯାଉଛି ଆଜି
ପୁଣିଥରେ ବୀଜରୁ ଅଙ୍କୁର
ଓ ଅଙ୍କୁରରୁ କଢ ହେବି ବୋଲି ।
ଏବଂ କଢରୁ ପୁଣି ଥରେ ଫୁଲ
ତୁମ ସ୍ପର୍ଶରେ ।

ମେଘ ମୁଁ ଗର୍ଭବତୀ ହୋଇଥିଲି
ଜଳବିନ୍ଦୁରେ
ତୁମେ ଛୁଇଁଥିଲ ବୋଲି ।
ମେଘ ମୁଁ ଧାରାଶ୍ରାବଣ ହୋଇ
ଝରିଯାଉଛି ଆଜି
ପୁଣିଥରେ ଜଳରୁ ବାଷ୍ପ
ଓ ବାଷ୍ପରୁ ମେଘ ହେବି ବୋଲି
ଏବଂ ମେଘରୁ
ପୁଣି ଥରେ ଧାରାଶ୍ରାବଣ
ତୁମ ସ୍ପର୍ଶରେ ।

Digitized by srujanika@gmail.com

# ଯାଚନା

କଅଣ ବା ମାଗିଥିଲି ଯେ ?
କହିଥିଲି ଏତିକିତ ?
ବନ୍ଦ୍ ଖିଡ଼୍‌କୀ ଖୋଲିଦିଅ ଟିକିଏ
ଖରା ଆସୁ, ବର୍ଷା ଆସୁ
ଶୀତ ଆସୁ, ଶିଶିର ଆସୁ
ପଲାଶି ଆସୁ
ଫୁଲର ପରାଗେ ଧୂଆ
ମହମହ ବାସନ୍ତୀ ପବନ ।

କଅଣ ବା ମାଗିଥିଲି ଯେ ?
କହିଥିଲି ଏତିକି ତ ?
ବନ୍ଦ୍ ହୃଦୟ୍ ଖୋଲିଦିଅ ଟିକିଏ ।
ସ୍ମିତ ଆସୁ, ଗୀତ ଆସୁ
ସ୍ୱପ୍ନ ଆସୁ, ସୁଧା ଆସୁ
ଉଂତୁରି ଆସୁ
ଶବର କାଲରେ ବୁଣା
ଗହଗହ ମନର ଆଓ୍ୱାକ୍ ।
ଏତିକି ବି
ଭାରି ପଡ଼ିଲା ତୁମକୁ ଦେବାପାଇଁ
କଅଣ ବା ମାଗିଥିଲି ଯେ ?

❖❖❖

Digitized by srujanika@gmail.com

# ଶ୍ରେଷ୍ଠ ପ୍ରେମିକ

ପ୍ରଥମ କବିତା
କିଏ ଲେଖିଥିଲା ଏ ପୃଥିବୀରେ ?
କା' ଛାତିରୁ ବହିଥିଲା
ଆବେଗର କୁଳୁକୁଳୁ ଧାରା
ବନପଥ ବତୁରିଗଲେ ଜ୍ୟୋତ୍ସ୍ନାରେ ?
କିଏ ଦେଖିଥିଲା
ପ୍ରଥମ ଥର ପାଇଁ
ଚିତ୍ରିତା ହରିଣୀ ଆଖି
ଶ୍ରାବଣର ମୟୂର ପଙ୍ଖରେ ?
ଆଉ ତୁଳନା କରିଥିଲା ତାକୁ
ତ୍ୱରାନ୍ୱିତ ଡୋଳା ସହିତ
ପ୍ରିୟାର ?

ପ୍ରଥମ ଘର
କିଏ ବାନ୍ଧିଥିଲା ଏ ପୃଥିବୀରେ ?
କିଏ ଆବିଷ୍କାର କରିଥିଲା
ଏକ ଅନ୍ତରଂଗ, ନିବିଡ଼ ଜଗତ୍
ନିବୁକ ଚାରିକୋଣର
ନିର୍ଦ୍ଦିଷ୍ଟ ସର୍ହଦ୍ ଆଡୁଆଳରେ ?
ପଥରର ଗୁମ୍ଫା ତେଜି
କିଏ ତିଆରି ଥିଲା ପର୍ଣ୍ଣକୁଟୀର
ସଦ୍ୟତୋଳା ତୃଣ ଛାଉଣୀ କରି
ଫିକା ଫିକା ନୀଳାକାଶ ତଳେ ?

ପ୍ରଥମ କବିତା ଯିଏ ଲେଖିଥିଲା
ସିଏ ଇ ପୃଥିବୀର ଶ୍ରେଷ୍ଠ ପ୍ରେମିକ ।
ପ୍ରଥମ ଘର ଯିଏ ବାନ୍ଧିଥିଲା
ସିଏ ଇ ପୃଥିବୀର ଶ୍ରେଷ୍ଠ ପ୍ରେମିକ ।

❖❖❖

Digitized by srujanika@gmail.com

# ସହସ୍ରାବ୍ଦର ପୁଣ୍ୟ ତିଥିରେ

କଳସୀଏ ଜଳ,
ବନ୍ଧ ଥିଲେ ବନ୍ଧ ଥାଏ ।
କିନ୍ତୁ ଉଡିଗଲେ
ଓଦା କରିଯାଏ
ଚେନାଏ ଘାସ
ପଟାଳିଏ ଶାଗ
କିମ୍ବା କିଆରୀଏ ଫୁଲ ।

ସହସ୍ରାବ୍ଦର ପୁଣ୍ୟ ତିଥିରେ
ଇଡିଯାଉ ସେମିତି
ମୋ ଜୀବନ, ମୋ ଆତ୍ମା
ମୋ ସ୍ୱପ୍ନ, ମୋ କବିତା
ଏଣେ ତେଣେ ।

ସହସ୍ରାବ୍ଦର ପୁଣ୍ୟ ତିଥିରେ
ପ୍ରସରିଯାଏ ମୁଁ ଯେମିତି
ପାଣି ପରି
ପୃଥିବୀର ଚତୁଷ୍କୋଣ ଯାଏ
ବାୟବ୍ୟ, ଇଶାନ, ନୈଋତ ଓ ଆଗ୍ନେୟ ।
ଓଦା କରିଯିବାପାଇଁ ଅନ୍ତତଃ
ପ୍ରୀତିରେ ଓ କରୁଣାରେ
ବେଶୀ କିଛି ନହେଲେ ବି
ଚେନାଏ ଘାସ
ପଟାଳିଏ ଶାଗ
କିମ୍ବା କିଆରୀଏ ଫୁଲ ।

❖❖❖

Digitized by srujanika@gmail.com

# ସଙ୍ଗୀତ

ମୋ' ଆଗରୁ
ଗୀତ ଗାଇ ଯାଇଛି ଫାଲ୍‌ଗୁନ
ବସନ୍ତବହାର୍, କୁହୁଧ୍ୱନିରେ ।
ମୋ' ଆଗରୁ
ଗୀତ ଗାଇଯାଇଛି ଶ୍ରାବଣ
ରିମ୍‌ଝିମ୍, ରିମ୍‌ଝିମ୍
ମେଘ ମହ୍ଲାରରେ ।
ଆଦିଗନ୍ତ ବନରାଜି ନୀଳା
ଗାଇଯାଇଛି ମତୁଆଲା
ପାହାଡିଆ ଧୂନ୍
ମୋ'ର ଯଥେଷ୍ଟ ଆଗରୁ ।

ସୃଷ୍ଟି ଆରମ୍ଭରୁ
ସମୀର ଶୁଣାଇଯାଇଛି ତା' ଆଳାପ,
ଭ୍ରମର ଶୁଣାଇଯାଇଛଇ ତା' ଗମକ୍ ।
କାଠହଣାର ଠୁକ୍ ଠୁକ୍ ଚଂଚୁର ଡାକରେ
କେବେ କେମିତି ଶୁଭିଯାଇଛି
ଅତି ମୃଦୁ ତବ୍‌ଲାର ଠେକା ।
ଜଳପ୍ରପାତ
ତା' ଧ୍ୱନିର ସାତଟି ସର୍‌ଗମ୍ ଦେଇ
ଷଡଜଠାରୁ ନିଷାଦ ପର୍ଯ୍ୟନ୍ତ
ସୃଷ୍ଟି କରିଛି, ବିନ୍ଦୁବିନ୍ଦୁ

Digitized by srujanika@gmail.com

କଳକଣାରେ ଇନ୍ଦ୍ରଧନୁ
ସପ୍ତରଙ୍ଗୀ ।

ମୋ'ର ବହୁଆଗରୁ
ରଚନା ହୋଇଯାଇଛି ସଙ୍ଗୀତ
ସୂର୍ଯ୍ୟୋଦୟରେ କୌନ୍‌ପୁରୀ
ଓ ସୂର୍ଯ୍ୟାସ୍ତରେ ଦର୍‌ବାରୀ
ମାଟି, ପାଣି, ଆକାଶ ଓ ଫୁଲକଢରେ ।
ଇଏ ଖାଲି ମୋ'ର
ସାମାନ୍ୟତମ ପ୍ରୟାସ
କଣ୍ଠ ସାଧିବାର ।

❖❖❖

Digitized by srujanika@gmail.com

# ଜଣଙ୍କ ପାଇଁ

ତୁମ ପୂରନ୍ତ ଓଠର
କଣିକିଆ ହସ ମନେପଡେ
ଗଙ୍ଗଶିଉଳିର ବାସ୍ନାରେ
ଯେବେ ଅସ୍ଥିର ହୋଇଉଠେ ବତାସ ।
କାରଣ ସେଦିନର ସକାଳ ଥିଲା
ଶରତ ଋତୁର ।

ଯେବେ ମନେପଡେ
କାନଦେଇ ଶୁଣିଥିବା
ତୁମ ଅଳିନ୍ଦର ଆଲୋଡନ,
ମନ୍ତ୍ରମୁଗ୍ଧ ମୁଁ
ମନକୁ ମନ ଗାଉଥାଏ ଏଠି, ସେଠି
ଏଠି, ସେଠି
"ତୁମକୁ ଭଲପାଏ
ଏବେ ବି"।

ତୁମ ବଡ ବଡ ଡୋଳାର
କୁହୁକ ଚାହାଣୀ ମନେପଡେ ବୋଲି
କବିତା ଲେଖେ- 'ଜଣକ ପାଇଁ'
ଛପାହେଲେ ହୁଏତ
ତୁମ ଆଖିରେ ପଡିଯାଇପାରେ
ଅଚାନକ୍ ।

❖❖❖

Digitized by srujanika@gmail.com

# ଈଶ୍ୱର

ତୁମେ ଅଛନା ନାହିଁ ମୁଁ ଜାଣେନି,
କଅଣ ତୁମ ନାଁ ?
ଯୀଶୁ ନା ଜଗନ୍ନାଥ ?
ବୁଦ୍ଧ ନା ମହାବୀର ?
କଅଣ ତମ ନାଁ ?
ଶୁଣିଛି
ରାସ୍ତାକଡ଼ର ଓସ୍ତଗଛ ତଳେ
ଫୁଲକଦରେ ମଣ୍ଡିତ
ନାଲି ସାଲୁକନା ପହରଣର
ପଥର ଖଣ୍ଡିକ ଭିତରେ ବି
ତମେ କୁଆଡେ ଅଛ ।

ମୋ ପାଇଁ ସିଏଇ କେବଳ ଈଶ୍ୱର
ଯାହାଙ୍କୁ କି
ମୁଁ ମୋ ଦୁଃଖ କହିପାରେ
କହିପାରେ ମନକଥା, ସଂଗୋପନେ ।
ଝୁଣା ଓ ଗୋଗ୍‌ଗୁଳର
କୁହୁଡ଼ିଆ ଧୂଆଁ ଭିତରେ ।
ମୋ ପାଇଁ ସିଏଇ କେବଳ ଈଶ୍ୱର
ଯାହାଙ୍କ ଆଗରେ ମୁଁ ଖୋଲି ଦେଇପାରେ
ମୋର ପାପ ଓ ଅପରାଧର ପୋଥି ।
ବଖାଣି ଦେଇପାରେ

Digitized by srujanika@gmail.com

ମୋର କୋହ ଓ କଦର୍ଥନାର କାହାଣୀ
ଯାହାଙ୍କୁ କି ମୁଁ କହିପାରେ
ପରମ ବିଶ୍ୱାସରେ
ମତେ ଉଦ୍ଧାର କର,
ମତେ କ୍ଷମା କର,
ମତେ ତ୍ରାହି କର ।

ସିଏ ଯୀଶୁ ହୁଅନ୍ତୁ ବା ଜଗନ୍ନାଥ
ବୁଦ୍ଧ ହୁଅନ୍ତୁ ବା ମହାବୀର
କିମ୍ବା ଓସ୍ତଗଛ ତଳ
ଫୁଲକଢ଼ ମଣ୍ଡିତ
ନାଲି ସାଲୁକନା ବେହରଣର
ପଥର ଖଣ୍ଡିଏ ମାତ୍ର

❖❖❖

Digitized by srujanika@gmail.com

# କାଆଁଳା ପୁଅ

ମନ୍ତ୍ରୀ ମହୋଦୟ
ବନ ମହୋତ୍ସବ ଦିନ
ଛକମୁଣ୍ଡରେ ପୋତିଥିଲେ ଗଛଟି
ସ୍ତାବକ ଓ ଚାଟୁକାରମାନଙ୍କ ଗହଣରେ ।
ଦୀର୍ଘ ଭାଷଣ ବି ଦେଇଥିଲେ
ଘନଘନ କରତାଳି ଭିତରେ ।
କହିଥିଲେ
ଗଛଟି ତାଙ୍କର କାଆଁଳା ପୁଅ ପରି
କାରଣ ସେଇଦିନ ସକାଳେ
ତାଙ୍କର ପୁଅଟିଏ ହୋଇଥିଲା ।

କୋଡିଏ ବର୍ଷ ପରେ
ନିମଗଛଟି ଏବେବି ଅଛି ।
ଶାଖାପ୍ରଶାଖା ସମେତ୍,
ଠିକ୍ ସବୁଜ, ଗୋଲ ଚାନ୍ଦୁଆଟିଏ ଭଳିଆ ।
ଭାରି ସ୍ନିଗ୍ଧ, ଭାରି କମନୀୟ ।

ପ୍ରତିବର୍ଷ ବସନ୍ତ ଋତୁରେ
ଝିରି ଝିରି କଅଁଳପତ୍ର ଓ ବାସ୍ନାଭରା ଫୁଲ
ଲୋକମାନେ ତୋଳି ନିଅନ୍ତି
ଖାଇବେ ବୋଲି ।
ରାସ୍ତାରେ ଯାଉଯାଉ

Digitized by srujanika@gmail.com

କିଏ ଜଣେ ଭାଙ୍ଗିନିଏ
ନହକା ଡାହିଟିଏ
ମୁଖଶୁଦ୍ଧି ପାଇଁ, ସକାଳୁ ସକାଳୁ ।

ପଥଶ୍ରାନ୍ତ ହାଲିଆ ମଣିଷ
ଛାଇରେ ତା'ର
ବସିଯାଏ ଘଡ଼ିଏ ।
ଡାଳରେ ତା'ର ବସା ବାନ୍ଧିଛନ୍ତି
ବେସୁମାର ରଂଗବେରଂଗୀ ଚଢେଇ ।
ସାରାଦିନ ଗୀତ ଗାଉଥାଆନ୍ତି ସେମାନେ
କିଚିର ମିଚିର୍
ସତେ ଅବା ହାଟ ବସିଛି ନିମଗଛରେ ।

ଛକ ନାଁଟି ବି ହୋଇଯାଇଛି ତା ନାଁ'ରେ
"ନିମଗଛ ଛକ"
କାଲିକି ସିଏ ନଥିଲେ ବି
ସ୍ମୃତି ରହିଯିବ ତା'ର
ଭାରି ସ୍ନିଗ୍ଧ, ଭାରି କମନୀୟ ଗଛଟି ।
କୋଡ଼ିଏ ବର୍ଷ ପରେ
ଗାଦୀଚ୍ୟୁତ ମନ୍ତ୍ରୀ ମହୋଦୟଙ୍କ ପୁତ୍ର
ଧର୍ଷଣ ଅପରାଧରେ
ଏବେ ଜେଲ୍‌ରେ ।

❖❖❖

Digitized by srujanika@gmail.com

# ପରାଜୟ

ଦେଇଥିଲି,
ଅନୁରାଗୀ ମନଟିଏ
ରଂଗ ଜୁଡୁବୁଡୁ,
ଅଳିନ୍ଦରେ ଯା'ର
ଚନ୍ଦନ ଓ କସ୍ତୁରୀର ବାସ
କୋଣେ ଆଉ ଅନୁକୋଣେ
ମଲ୍ଲିଫୁଲ ମାତାଲ୍ ପ୍ରଶ୍ୱାସ ।

ଦେଇଥିଲି
ସ୍ୱପ୍ନର ବୋଇତଟିଏ
କାତ ମାରି ଭାସି ଯିବା ଲାଗି
ନୀଳଢ଼େଉ ଦରିଆ ସେପାରି ।
ଅମଳ କରିବା ପାଇଁ
ଅବିରର ପଲସ୍ତରା
ମୁଠା ମୁଠା ବାରୁଣୀର
କାଛରୁ ଉତାରି ।

ଦେଇଥିଲି
ଚୈତ୍ରର ସକାଳେ ଲେଖା
ଗୀତଟିଏ,
ରାଗ ଥିଲା ବସନ୍ତବହାର୍
ଅନ୍ତରାରେ ତା'ର
ଟୁକ୍‌ଟାକ୍ ଫୁଟୁଥିଲେ
କୁସୁମର କଢ଼ ।

Digitized by srujanika@gmail.com

ଡେଣାମେଲି ଉଡୁଥିଲେ
ସୁଖୀ, ସୁଖୀ ନିଶିରଙ୍ଗୀ
ଭ୍ରମରର ଦଳ ।

କିଛି ବି ନେଲନି ତମେ,
ନେଲ ଖାଲି ଦେହଟିଏ,
ତୁଚ୍ଛା ଦେହଟିଏ ।
ମାଂସାଶୀ କେଶରୀ ପରି
ଚାଟିଚୁଟି ସଫା କରି
ଫିଙ୍ଗିଦେଲ କଂକାଳର
ହାଡ଼ସବୁ ଏଠିସେଠି
ରାଜକୀୟ ମଣୋହି ସରିଲେ ।

ଦୁଃଖଲାଗେ ନିଜ ପାଇଁ
ଚରମ ଏ ପରାଜୟ ମୋର ।
ଦୁଃଖ ଲାଗେ ତୁମ ପାଇଁ
ପାରିଲନି ଜାଣି
ଜୀବନରେ ଯାହା କିଛି
ସତ୍ୟ ଓ ସୁନ୍ଦର ।

❖❖❖

Digitized by srujanika@gmail.com

# ବିଳମ୍ବ

ସେଇ ତ ଆସିଲ
ତେବେ ଏତେ ଡେରି କଲ କାହିଁକି ?
ତୁମକୁ କଅଣ ଆସିବାକୁ ଥିଲା
ଆଜିର ଏଇ ଚୈତ୍ରର ଶେଷ ତିଥିରେ
ଯେବେ ବର୍ଷ ସରିବାକୁ ଇ ବସିଛି ?

ଏବେ ତ ଛୁଟିପାଇବାର ବେଳ,
ଶୂନ୍‌ଶାନ୍, ଅବସନ୍ନ ସନ୍ଧ୍ୟା
ଚଢେଇ ସବୁ ଫେରିଗଲେଣି ଯେଝା ନୀଡକୁ ।
ସୂର୍ଯ୍ୟ ଦିଗନ୍ତ ତଳେ ।
ଏବେ ତ ଖାଲି
ଆକାଶର ତାରା ଗହଣରେ
ତାରାଟିଏ ହୋଇ ମିଶିଯିବାଇ ବାକି ।

ଓଠରେ ଅପର୍ଯ୍ୟାପ୍ତ ହସ
ଓ ହାତରେ ଲାଲ୍‌ଗୋଲାପର ଗୁଚ୍ଛ ନେଇ
ଯଦି ଆସିଲ ଶେଷ ପର୍ଯ୍ୟନ୍ତ
ଏତେ ଡେରି କଲ କାହିଁକି ?

Digitized by srujanika@gmail.com

# ପ୍ରାର୍ଥନା - ପୁଅପାଇଁ

ତୁ ଯେଉଁଦିନ ଜନ୍ମ ହୋଇଥିଲୁ
ହାଲୋଳ ହୋଇଥିଲା ସାରା ଆକାଶ
ଦିବ୍ୟାଲୋକରେ ।
ମହମହ ହୋଇଥିଲା ପୃଥିବୀର ଜମି
ପାରିଜାତର ସୁଗନ୍ଧରେ ।
ଦେବଦୂତମାନେ
ଯେତେ ଅବା ଫୁଲ ବର୍ଷିଥିଲେ ମୋ 'ଉପରେ
ଏଭଳି ଏକ
ଯାଦୁକରୀ କୃତିତ୍ୱ ପାଇଁ ।
ମନେ ହେଇଥିଲା
ଏଭଳି ଏକ ଚମକପ୍ରଦ ଘଟଣା
ସୃଷ୍ଟି ଆରମ୍ଭ ହେବା ଦିନରୁ
କେବେ ହେଇନଥିଲା କି ହେବନି ।

ଆଜି ତୋ' ଜନ୍ମଦିନରେ ପ୍ରାର୍ଥନା
ମୁଁ ଯେମିତି ଫେରିଆସେ ତୋ କୋଳକୁ
ଝିଅଟିଏ ହୋଇ ।
ନିଟୋଳ ଓ ପରିଚ୍ଛନ୍ନ
ଜହ୍ନପରି ଝିଅଟିଏ ।
ହସିଦେଲେ
ଯା' ଲହୁଣୀ ଗାଲରେ

Digitized by srujanika@gmail.com

ଭଉଁରୀ ଖେଳୁଥିବ
ଠିକ୍ ତା' ଜେଜେମା' ପରି,
ଆଉ ଯାହାକୁ ଚାହିଁ
ତୋ'ର ବି ମନେ ହବ
ଏଭଳି ଏକ ଚମତ୍କାରପ୍ରଦ ଘଟଣା
ସୃଷ୍ଟି ଆରମ୍ଭ ହେବା ଦିନରୁ
କେବେ ହେଇନଥିଲା କି ହେବନି ।

❖❖❖

Digitized by srujanika@gmail.com

# ଝଡ ପରେ

ଝଡ ଥମିଯିବାର କେଇଦିନପରେ
ଶାଗୁଆନ୍‌ର ଭଗ୍ନ ଶାଖାରେ
କଅଁଳି ଯାଇଛି କିଶଳୟ।
ଅଁ'ଳାରଂଗୀ ଅପରାହ୍ନ ଖରା
ଚୁମା ଦେଇଯାଉଛି, ଆଗପରି
ନହକା ଡେମ୍ଫରେ ଝୁଲୁଥିବା
ଝୁମ୍‌କା କବାର କଡଟିକୁ।
ବିଷନ୍ନ ମୌସୁମୀ ଫୁଲର କିଆରୀରେ
ନୂଆ କରି ପତା ମେଲୁଛି
ଶୁଭ୍ର, ନୀଳାଭ ପାଖୁଡା,
ଆଳାପନା ଆରମ୍ଭ କରିଦେଇଛି ପୃଥିବୀ
ଆଶାବରୀ ରାଗରେ, ପୁଣିଥରେ।
ଝଡର ମାତ୍ର କେତୋଟି ଦିନ ପରେ।

ଖାଲି ଯାହା
ଆମେଇ ହାରିଗଲେ ଶେଷପର୍ଯ୍ୟନ୍ତ।
ସାମ୍‌ନା କରିପାରିଲେନି ସୂର୍ଯ୍ୟାଲୋକର
ପୁଣି ଥରେ, ସାହସ କରି
ଭଗ୍ନଶାଖ ଶାଗୁଆନ୍‌ଟି ପରି।

Digitized by srujanika@gmail.com

# ନିଷ୍ଠା

ସାରାଜୀବନ ରହିଗଲି
ଦୂବଘାସ ହୋଇ ।
ଭୂଇଁରୁ ରସର ସ୍ରୋତ
ମାତ୍ର ଇଞ୍ଚଟିଏ ଉପରକୁ ଟାଣି ।
ଉଦ୍ଧତ ଦେବଦାରୁ
ବା ତେଜସ୍ୱୀ ଝାଉଁଗଛ ପରି
ମେଘକୁ ଟିପରେ ଛୁଇଁବାର ସ୍ୱପ୍ନ
ଦେଖିପାରିଲିନି କେବେ ।
ରହିଗଲି ସାରାଜୀବନ
ଅପାରଗ ମଣିଷଟିଏ ହୋଇ ।

କେଉଁଠି ଯେମିତି ପଡିଥିଲି
ପ୍ରତ୍ୟେକ ମଣିଷ
ଯଦି ତା ନିଜକାମଟି କରେ
ନିଷ୍ଠାର ସହ
ତାହେଲେ
ପୃଥିବୀ ହୋଇଉଠିବ ରମଣୀୟ ।

ଆଶ୍ୱାସନା,
ସେତିକି ଅନ୍ତତଃ କରିପାରିଛି ଜୀବନରେ ।
ହାତ ଧରି ବାଟ ଚାଲିଛି ଜଣକର
ନିରବଚ୍ଛିନ୍ନ ଭାବେ
ମଲ୍ଲିଫୁଲିଆ ଜହ୍ନରାତିରେ
ଓ ସୂର୍ମାଗୋଳା ଅମାବାସ୍ୟାରେ ।

❖❖❖

Digitized by srujanika@gmail.com

# ଅଭିଧାନ

ତମ କବିତା ପଡିଲି,
ଲେଖିଚ,
ସ୍ୱର୍ଗକୁ ନିଶୁଣୀ ନାହିଁ
ନହେଲେ ତୋଳି ଆଣିଥାଆନ୍ତ
ଶରତ୍ ଆକାଶ ସାଉଁଟି
ସବୁତକ ତାରାଫୁଲ
ସଜେଇଦବା ପାଇଁ
ମୋ ଚିକିମିକି ବାଜୁବନ୍ଧ ।

ଲେଖିଚ,
ସାରା ଅଭିଧାନ ଖୋଜି ଖୋଜି
ତୁମକୁ କୁଆଡେ ଶବ୍ଦଟିଏ ମିଳିଲାନି
ପ୍ରକାଶ କରିବା ଲାଗି
ମୋ' ପାଇଁ ତୁମ ଭଲପାଇବା ।

ତୁମକୁ ମୋ'ରାଣ,
ତୁମେ ଆଉ ରାତି ଚେଇଁ
ଅଭିଧାନ ଖୋଜନି ।
ତମ କବିତା ମତେ କହିଦେଇଛି
ତମେ ମତେ କେତେ ଭଲପାଅ ।

❖❖❖

Digitized by srujanika@gmail.com

# ବଡ ଠାକୁର

ତୁମର
ଦୁଇଟି ଚମତ୍କାର ନୀଳ ନୀଳ
ନୂପୁର ପିନ୍ଧା ପାଦ ଅଛି
ମୁଁ ଜାଣେ ।

ଆଜି ଯଦି
ମୁଁ କବରୀ ବାନ୍ଧେ ଓ କବିତା ଲେଖେ
ପ୍ରଶ୍ୱାସ ନିଏ ଓ ପ୍ରେମ କରେ
ତାହେଲେ ସ୍ୱତଃସିଦ୍ଧ
ଯେ ଆରମ୍ଭରୁ
ତମେ ଚାଲିଚ ମୋ' ସାଥିରେ,
ମୋତେ ଘଣ୍ଟ ଘୋଡେଇ
ରାଜଦାଣ୍ଡରେ ଓ ରଣାଙ୍ଗନରେ
ବାଲୁଚରରେ ଓ ବନଭୂଇଁରେ ।

ମିଛରେ ଲୋକେ କହନ୍ତି
ତମର ପାଦ ନାହିଁ ।

❖❖❖

Digitized by srujanika@gmail.com

# ମୁଁ

ମେଘ ଘୂରୁଥାଏ
ମହାକାଶରେ ।
କିନ୍ତୁ ସିଏ ଆକାଶ ନୁହେଁ,
ଜଠରରେ ତା'ର
ଜମାଟ୍ ବନ୍ଧା ଜଳବିନ୍ଦୁ
କିନ୍ତୁ ସିଏ ଜଳ ନୁହେଁ,
ସିଏ ଏସବୁଠୁ ଅଲଗା କିଛି,
ନିଆରା କିଛି,
ସିଏ ମେଘ ।

ମୁଁ ଘୂରୁଥାଏ
ତମ ଘରର ଚୌହଦୀରେ
କିନ୍ତୁ ମୁଁ ଖାଲି ଗୃହବଧୂ ନୁହେଁ ।
ମୁଁ ଭଲପାଏ
ତୁମକୁ,
କିନ୍ତୁ ମୋର ସ୍ୱରୂପ
ଖାଲି ପ୍ରିୟା ଶବ୍ଦରେ ସୀମିତ ନୁହେଁ ।
ମୁଁ ଏସବୁଠୁ ଅଲଗା କିଛି,
ନିଆରା କିଛି,
ମୁଁ ଯେ ମୁଁ ।

Digitized by srujanika@gmail.com

# ତିରିଶ୍ ବର୍ଷ ଉତାରେ

ମଉଳି ମଉଳି ଆସୁଥିଲା ଶୀତସନ୍ଧ୍ୟା
ଫୁଲ ବିପଣୀରେ, ହାତରେ ରଜନୀ ଗନ୍ଧା
ଦେଖିଲି ତୁମକୁ ତିରିଶ୍ ବର୍ଷ ଉତାରେ
ଅଚାନକ୍ ହେଲା କଂପନ ଆଖିପତାରେ ।

ବୟସର ଛାପ ସ୍ତିମିତ ତୋଳାରେ ତୁମର
ତେବେ ବି କହିଲା ପୁରୁଣା କାହାଣୀ ଆମର
ମନେପଡ଼ିଗଲା ଚକିତ ଚଇତ କେତୋଟି
ମନେ ପଡିଗଲା ତୁମପାଇଁ ଲେଖା ଗୀତଟି ।

ତୁମେ ଚାଲିଗଲ, ଆସିଲି ମୁଁ ମୋର ବାଟରେ
ପଲକର ଦେଖା, ମଣିଷବହୁଳ ହାଟରେ
ଅଭୁଲା ସେ ଏକ ଆଶ୍ୱାସ ଦେଲା ତଥାପି
କହିଗଲା କାଳେ ଚୁପ୍‌ଚାପ୍ କେତେ କଥାବି ।

ବୁଝିଲି କାହିଁକି ରୁଣୁଝୁଣୁ ମେଘ ବରଷେ
ଋତୁରାଜ ଆସେ କାହିଁକି ପ୍ରତିଟି ବରଷେ
ବୁଝିଲି କାହିଁକି ବତାସ ଆଜି ବି ମଧୁର
କାହିଁକି ଜୀବନେ ସ୍ୱାଦ ଆସିଯାଏ ମଧୁର ।

ତେଜି ହୁଏ ନାହିଁ ଜୀବନର ମୋହମାୟାକୁ
କାହିଁକି ନା କିଏ ଜଣେ ମନେ ରଖେ କାହାକୁ,

❖❖❖

Digitized by srujanika@gmail.com

# ପରଧନ

ସାତଦିନ ତଳେ
ଘରୁ ଖବର ଆସିଥିଲା,
ବାପା ଶଯ୍ୟାଶାୟୀ,
ଲୋକ ଚିହ୍ନିପାରୁନାହାନ୍ତି,
ନିଜକୁ ବି।
ପଚାରୁଛନ୍ତି
"ମୁଁ କିଏ" ?

ଯାଇପାରିନି।
ପ୍ରଥମ ଦିନ
ଗେଲୀ ଆସିଲାନି କାମକୁ,
ଦ୍ୱିତୀୟ ଦିନ ସ୍ୱାମୀଙ୍କ ଦେହରେ ତାତି
ତା' ପରଦିନ
ଶାଶୂ ଆସିଥିଲେ ଗାଁ'ରୁ
ରହିଗଲେ ଲଗାତାର୍ ତିନିଦିନ୍,
କାଲି ଥିଲା ଝିଅର ନାଁ ଲେଖା
ଆଉ ଆଜି ?
ଆଜି ଆମେରିକାରୁ
ପୁଅର ଫୋନ୍ ଆସିବାର ପାଳି।

କପାଳରେ ଚନ୍ଦନଲେଖା
ଅକ୍ଷାଡୁଆ ପୂଜା ହାତରେ

Digitized by srujanika@gmail.com

କାନ୍ଧରେ ଗଇଁଠାଳ,
ଆଙ୍ଗୁଳିରେ ଅଗୁଆଟାଉଳ ଧରି
ଓ ପିଣ୍ଡାଯାକ ଯଜଅଳତାର ଛାପ ପକେଇ
ଠିକ୍ ଏଗୁଣ୍ଡିବନ୍ଧ ଡେଇଁଲାବେଳକୁ
ବାପା ତମେ
ଛାତିକି ଆଉଜେଇ ନେଇ
କାହିଁକି କାନ୍ଦିଥିଲ
ଆଜି ବୁଝୁଛି ।

Digitized by srujanika@gmail.com

# ଶାମୁକା

ବେଳାଭୂଇଁରେ ଚାଲୁ ଚାଲୁ
କଦବା କ୍ୱଚିତ୍
ଅହେତୁକ ଭାବରେ ଭଲ ଲାଗିଯାଏ
ଶାମୁକାଟିଏ ।
ଭଲ ଲାଗିଯାଏ
ତା' ଦେହର ଗୋଲାପି ପାଲିସ୍,
ତା' ଦେହର ନକ୍ସାଦାର୍ ରେଖାଚିତ୍ର ସବୁ,
ଶାମୁକାଟିକୁ ସାଇତି ରଖୁ ଆମେ ।
ଏକ ନିର୍ଦ୍ଦିଷ୍ଟ ବିଶେଷତ୍ୱ ମିଳିଯାଏ ତାକୁ
କୋଟି କୋଟି ଶଙ୍ଖ ଏବଂ କଉଡ଼ି ମାଳରେ ।

ନିତିଦିନିଆ ଜୀବନର
ଅଗଣତି ଘଟଣା ଭିତରୁ
କଦବା କ୍ୱଚିତ୍
ମନ ବାଛିନିଏ ଛୋଟ ଘଟଣାଟିଏ
ଆଉ ସାଇତି ରଖେ ତାକୁ
କଳାସୁମର ପାଣିତଳ
ସାତତାଳ ପଙ୍କରେ ପୋତା
ସୁବର୍ଣ୍ଣ ଫରୁଆରେ
ସଂଗୋପନେ ।
ଏକ ନିର୍ଦ୍ଦିଷ୍ଟ ସ୍ମୃତି

Digitized by srujanika@gmail.com

ତା'ର ଅପରୂପ ବର୍ଣ୍ଣବିଭା ନେଇ
ସ୍ଥାଣୁ ହୋଇ ରହିଯାଏ
ଆମରଣ ମନର ପର୍ଦ୍ଦାରେ ।

ତୁମ ସ୍ମୃତି
ସତେ କଅଣ
ମନର ତୋରଙ୍ଗ ତଳେ ସାଇତା
ଏକ ବିଚିତ୍ରବର୍ଣ୍ଣ ଶାମୁକା ?

❖❖❖

Digitized by srujanika@gmail.com

# ନିରୀକ୍ଷଣ-ଆତ୍ମାର

ସବୁ ଯେମିତି ଅଛି,
ଠିକ୍ ସେମିତି ।
ଘର ସାମ୍ନାରେ ପାମ୍‌ଗଛର ଗାମ୍‌ଲା
ବାରିର ନିମଗଛର ଶାଖାରେ
ହଠାତ୍ ଉଡ଼ିଆସି ବସୁଥିବା ତୋତାପକ୍ଷୀଟି,
ପିଜୁଳି ଡାଳରେ ଲଟେଇଥିବା
ନହକା ବୋଗେନ୍‌ଭିଲାର ମଂଜରୀ,
ସବୁ ଯେମିତି ଅଛି,
ଠିକ୍ ସେମିତି ।

ଫାଜିଲ୍ ପବନ
ଚିକ୍କଣ ଆକାଶ
ଓ ରାଗୀ ଖରାର ଧମକ୍ ।
ଘର ସାମ୍ନା ବିପଣୀରେ କିଣାବିକା ।
ଘର ଭିତରେ
ନଇଁପଡି ଚଟାଣ ପୋଛୁଥିବା
ମେଦବତୀ ଝିଅଟିର ନିତମ୍ବ ପ୍ରତି
ପକ୍ୱକେଶ ମାଲିକଙ୍କର ଆଡ ନଜର ।
କଡିକିଆ କୋଠରୀରେ ଫିସ୍‌ଫିସ୍ କଥା,
"ଶେଷ ବେଳକୁ
ତିନିସରିଆ ଚନ୍ଦ୍ରହାରଟି

Digitized by srujanika@gmail.com

ମତେ ନଦେଇ ଦେଇଦେଲେ ଝିଅକୁ,"
ସବୁ ଯେମିତି ଅଛି
ଠିକ୍ ସେମିତି ।
ପୃଥିବୀ ଚାଲିଛି ତା' ବାଟରେ
ନିୟମିତ,
କିଛି ଫରକ୍ ପଡିନି କେଉଁଠି
କିଛି ଫରକ୍ ପଡିନି କାହାକୁ ।

ବଦଳିବା ଭିତରେ ଏତିକି,
ସାମ୍ନା ଘରେ
ମୋର ବଡ କରାହୋଇଥିବା
ରଂଗିନ୍ ଚିତ୍ରପଟରେ ଝୁଲୁଛି
ଧୂଳିମିଶା କାଗଜଚଂପାର ହାରଟିଏ
ବାର ଦିନ ପରେ ।

❖❖❖

Digitized by srujanika@gmail.com

# ରହସ୍ୟ

କାଲି ଅଚାନକ୍ ବର୍ଷା ହୋଇ ଛାଡ଼ିଗଲା,
ଆଷାଢ଼ର ଅସମାପ୍ତ ବର୍ଷା।
ଅକାଡି ହୋଇ ପଡିଲା
ବେଳାଭୂଇଁର ଅଜସ୍ର ଲହଡ଼ି ପରି
କେରି କେରି କୋମଳାଭ ଖରା।

ଦେଖିଲି,
ବଗିଚାରେ ସାରିବନ୍ଧ ସାରୁବୁଦା,
ପତ୍ର ସବୁ ଗହନ ସବୁଜ
ଧଡିଥିବା, ସାଦା ଆଉ ଲାଲ୍ ମିଶା
ସ୍ନିଗ୍ଧ, ସଜ ବୁଟିଦାର୍ ଶାଢୀ।

ସବା ଉପରେ
ପଦ୍ମପରି ମସୃଣ ପତ୍ରଟିରେ
ଠୋପେ ପାଣି ଝଲ୍‌ମଲ୍,
ତା' ଭିତରେ ସୂର୍ଯ୍ୟ।

ହଠାତ୍ ବୁଝିପାରିଲି
ବିଗତ ବତିଶ ବର୍ଷର ରହସ୍ୟ।
ବିନ୍ଦୁଏ ଜଳ
ଛାତିରେ ତା'ର ବନ୍ଦୀ କରିଛି ସୂର୍ଯ୍ୟକୁ।
ମୁଠିଏ ମୋର ହୃଦୟ
ଠିକ୍ ସେଇମିତି ବାନ୍ଧି ରଖିଛି ତୁମକୁ।

❖❖❖

Digitized by srujanika@gmail.com

# ଡାଇରୀ

ଡାଇରୀଟିଏ ଦେଇଥିଲ
ଗଲାସନ ନୂଆବର୍ଷରେ ।
ଆଜି ବର୍ଷର
ଶେଷ ତାରିଖରେ ପହଞ୍ଚି
ପୃଷ୍ଠା ପରେ ପୃଷ୍ଠା
ଓଲଟାଇ ଦେଖେ,
ନା ଅଛି ତହିଁରେ ହିସାବ କିତାପ୍
ନା ଅଛି ପ୍ରାତ୍ୟହିକ
ଦିନ ପଂକ୍ତିକାର ସାରଣୀ ।
ମୂଳଠୁ ଶେଷଯାକେ
ଫର୍ଦ୍ଦ ପରେ ଫର୍ଦ୍ଦ
ନାଲି, ନେଳି ସ୍ୟାହିରେ ଲେଖା
ସାନ, ବଡ଼ ଅକ୍ଷରରେ ଲେଖା
କେବଳ ତମରି ନାଁ'
କେବଳ ତମରି ନାଁ'।

❖❖❖

Digitized by srujanika@gmail.com

# ଥରଟିଏ

ଥରଟିଏ ପାଇଁ
କେବଳ ଥରଟିଏ ପାଇଁ
ଓହ୍ଲାଇ ଆସ ତୁମ ମୟୂର ସିଂହାସନରୁ,
ମଞ୍ଚରୁ ଓହ୍ଲାଇ
ଥରଟିଏ ଠିଆହୁଅ ମୋ' ପାଖରେ
ଥୋକା ଥୋକା ଶ୍ୟାମଘନ ଘାସର ଜମିରେ
କେବଳ ଥରଟିଏ ।

ହାତରେ ହାତରଖି ଚାଲ
ପାଦରେ ପାଦ ମିଳାଇ ଚାଲ
ଆବିଷ୍କାର କରିବ
ସାତପାଦ ଆଗରେ ଚାଲିବା ଅପେକ୍ଷା
ଅନେକ ବେଶୀ ରଂଗ
ଅନେକ ବେଶୀ ଉନ୍ମାଦନା
ଏକା ସାଥିରେ
ଏକା ତାଳରେ ଚାଲିବାରେ ।

❖❖❖

Digitized by srujanika@gmail.com

# ବୋଉ

ଏତେବର୍ଷ ଶିଶୁ ଥିଲି,
ଆଜି ଯେମିତି ବଡ ହେଇଗଲି,
ଅଚାନକ୍,
ବୋଉ ଚାଲିଗଲା ପରେ ।
ଏତେ ବର୍ଷ ବସିଥିଲି
ସତେ ଅବା ବନସ୍ପତି ନିସନ ଛାଇରେ ।
ଆଜି ଯେମିତି
ଧୁଉ ଧୁଉ ଖରା ଧାସ
ମୁଣ୍ଡ ଉପରେ,
ଅଚାନକ୍
ବୋଉ ଚାଲିଗଲା ପରେ ।

ସାନବେଳେ ଦେଖିଥିଲି,
ଗାଁ'ର
ଈଷତ୍ ନ୍ୟୁବ୍‌କ ପଧାନବୁଢୀଟି
ଦାଣ୍ଡପିଣ୍ଡାରେ ବସି କାନ୍ଦୁଥିଲା ।
ବାହୁନୁଥିଲା
ସତୁରି ବର୍ଷରେ ମା' ଛେଉଣ୍ଡ ହେଲାବୋଲି ।
ସାତବର୍ଷର ମୁଁ'
ହସିଥିଲି ସେତେବେଳେ,
ହସିଥିଲି ।
ମୁଁ କଅଣ ଜାଣିଥିଲି

Digitized by srujanika@gmail.com

ଯେ ମୋତେ ବି ଦିନେ
ଦୋହରେଇବାକୁ ପଡିବ
ସେଇ ସବୁ ଶବ୍ଦ
ବାରମ୍ବାର
ଠିକ୍ ଯେମିତି ବାହୁନି ବାହୁନି ?
ମୁଁ କଅଣ ଜାଣିଥିଲି
ଯେ ବାପଘରର ଅନ୍ୟନାମ ବୋଉ ?

ବୋଉ ଚାଲିଗଲା ।
କାହାର କଅଣ ଗଲା ଜାଣେନି,
କିନ୍ତୁ ଏତିକି ବୁଝୁଛି,
କେବେ କେମିତି
ତା' ଜୋଇଁ ଉପରେ ଲୁଷି
ଓଳିକ ଲାଗି ପଳାଇ ଯିବାପାଇଁ
ମୋ'ର ଆଉ ଜାଗାଟିଏ ରହିଲାନି ।

❖❖❖

Digitized by srujanika@gmail.com

# ହୃଦୟ

ଭଲପାଇବା ମାନେ ଇ କଷ୍ଟ,
ଭଲପାଅ,
ହୃଦୟ ଭାଙ୍ଗିବ ନିଶ୍ଚୟ,
ଠୁନ୍‌କା କାଚଗିନା ପରି
ଭାଙ୍ଗିବା ଇ ତା'ର ଧର୍ମ।

ହୃଦୟକୁ ନିଟୋଳ ରଖିବାକୁ ଚାହଁ ?
କାହାରିକି ଦିଅନା ତାକୁ।
ଝିଲ୍‌ମିଲ୍ ଫୁଲପକା ପାଟକନାରେ ମୋଡ଼ି
ସାଇତି ରଖ ତାକୁ ତୋରଙ୍ଗ ତଳେ
ନିଭୃତରେ।
ପ୍ରଶ୍ନ ଉଠିବନି
କାହାରିକି ଦବାର
ଭାଙ୍ଗିବାର ବି।

ଫଗୁଆର ଗୁମୋଟ୍ ଘରେ ବନ୍ଦୀ ହୋଇ
ବିନା ରୋଶ୍‌ନୀ ଓ ବତାସରେ
ଶୋଇ ରହିଥିବ ସିଏ
ଜୀବନ ଭର
ନିଷ୍କ୍ରିୟ ଓ ବଡବଡ୍।

ସେ ହୃଦୟ
ଥିଲେ କେତେ, ନଥିଲେ କେତେ ?

Digitized by srujanika@gmail.com

# ପ୍ରଜାପତି

ମୁଁ ଯଦି
ଏକ ଗୁମ୍‌ଗୁମିଆ ବୀଭତ୍ସ ପୋକରୁ
ରୂପାନ୍ତରିତ ହେଇପାରିଲି
ଅପରୂପ ଡେଣାବାଲା
ଏକ ଛବିଳ ପ୍ରଜାପତିରେ,
ମୁଁ ଯଦି ପିଇପାରିଲି
ପେଟ ଭର୍ତ୍ତି ମହୁ
ରଂଗବତୀ, ନହୁଲୀ ଫୁଲର ଓଠରୁ,
ତମେ ତାହେଲେ
ଯେତେ ତଳେ ପଡିଯାଇଥିଲେ ବି
କାହିଁକି ଉଠି ଠିଆ ହେଇପାରିବନି
ପୁଣି ଥରେ ?
କାହିଁକି ବା ପାଇପାରିବନି ସନ୍ଧାନ
ଅମୃତ କଳସର ?

❖❖❖

Digitized by srujanika@gmail.com

## ଧୀରେ ଚାଲ

ଧୀରେ ଚାଲ,
ରାସ୍ତାକଡର
କିଶୋରୀର ନାକପୁଡା ସୁନା ଡିମ୍ବପରି
ଗୋଲ୍ ଗୋଲ୍ ଘାସଫୁଲ ଦେଖି ।
ଦେଖି ଦେଖି
ତାଳବନ, ଧାନବିଲ, ମହୁଲ ଅରଣ୍ୟ ।
ପାଚିଲା କମଳା ପରି
ରଙ୍ଗ୍‌ଦାର, ଗୋଧୂଳିର
ଅସ୍ତଗାମୀ ସୂର୍ଯ୍ୟ ।
ଦେଖି ଦେଖି
ଆଷାଢ଼ର ମେଘମାୟା,
ରକ୍ତଗ୍ରୀବ ପାରପର ଡେଣା
କାଶବନ, କଜଳ ଭ୍ରମର ।

ଧୀରେ ଚାଲ,
ଦେଖି ଦେଖି କ୍ରୀଡାମଗ୍ନ ଉତ୍‌ଫୁଲ୍ଲ ଶିଶୁର
ଦୁଧଦାନ୍ତ ଟହଟହ ହସ
ଝିମ୍‌ମାରି ବସିଥିବା ବୃଦ୍ଧଦେହେ
ମେଞ୍ଚି ମେଞ୍ଚି ମୁଖର ପରାଣ ।
ସୀମନ୍ତିନୀ ଲକ୍ଷ୍ମୀପାଦ, ଅଳକ୍ତଚରଣ
ଗେରୁଲିପା ଅଗଣାର କୋଣେ
ଗ୍ରାମ ପଥେ, ଅଚାନକ୍ ।

Digitized by srujanika@gmail.com

ଧୌତନା,
ଧୀରେ ଚାଲ
ଦେଖି ଦେଖି
ପଟୁଆର, ମେଳଣ ଓ କୋଳାହଳ
ପ୍ରକୃତିର, ମାନବର
ଚାରିପଟେ,
ଏଇ ତ ଜୀବନ ।

❖❖❖

Digitized by srujanika@gmail.com

# ଗୋଟିଏ ଜୀବନ

ସବୁଜ ଡେଙ୍ଗରେ ଗୁଗୁପାଞ୍ଚି ଖେଳୁଥିବା
ଗୋଟିଏ ସୁଗନ୍ଧରାଜ ଯଥେଷ୍ଟ
ସୃଷ୍ଟି କରିବାପାଇଁ ପଂକ୍ତିଟିଏ
କବିତାର ।
ମାଲ୍‌କୌଷ ବା ମହ୍ଲାରର
ଗୋଟିଏ ମାତ୍ର ଅନ୍ତରା
ମଞ୍ଜରିତ କରିଯାଏ
ମନତଳ ଗହଳ ମାଳଞ୍ଚ ।

ଗୋଟିଏ ମୁର୍କି ହସରେ
କିଣା ହୋଇଯାଏ ପୃଥିବୀ,
ଗୋଟିଏ ମହମ୍‌ର ଆଭା
ଦୂରେଇଦିଏ ଜମାଟବନ୍ଧା ଅନ୍ଧକାର ।
ଗୋଟିଏ ଶବ୍ଦରେ
ଆରମ୍ଭ ହୁଏ ଆଖ୍ୟାୟିକା,
ଗୋଟିଏ ହାତର କୁହୁକ ସ୍ପର୍ଶ କହିଦିଏ
ନିଲାମ୍ ହୋଇଯାଇଛି ତା' ହୃଦୟ ।

ପ୍ରାଣଭରି ବଞ୍ଚିବା ପାଇଁ
ଗୋଟିଏ ଜୀବନ ହିଁ ଯଥେଷ୍ଟ,
କେଉଁ ରୂପରେଖ ସିଏ ନବ,
ସେ ନିର୍ଣ୍ଣୟଟି ତୁମ ହାତରେ ।

❖❖❖

Digitized by srujanika@gmail.com

# ଶିଶୁ ଶ୍ରେଣୀରେ

ଅର୍ଥପୂର୍ଣ୍ଣ ଜୀବନଟିଏ ବଞ୍ଚିବା ପାଇଁ
ଯାହାକିଛି ଶିଖିବା କଥା
ଶିଖିଥିଲି ପାଞ୍ଚବର୍ଷ ବେଳେ
ଶିଶୁ ଶ୍ରେଣୀରେ ।

ନାଗୁଆରି ଫୁଲ ପାଖୁଡାରେ ବସି
ମହୁ ପିଉଥିବା କଙ୍କିଟିର
ଫିନ୍ ଫିନ୍ ପାତ୍‌ଳା ଡେଣା ଛିଣ୍ଡେଇଲା ବେଳେ
ବାପା କହିଥିଲେ
'ଅନ୍ୟକୁ କଷ୍ଟ ଦିଅନ୍ତିନି' ।
ବୋଉ କହିଥିଲା, ପହିଲି ରଜ ଦିନ
'ପୋଡପିଠାରୁ ଖଣ୍ଡେ
କୁନିଭାଇକି ଦେ' ମା
ସବୁଜିନିଷ ବାଣ୍ଟିକୁଣ୍ଟି ଖାଆନ୍ତି' ।
ଖେଳସଖୀ ଖୁକୁମନିର
କୁଞ୍ଚୁକୁଞ୍ଚୁଆ ବାବୁରିବାଳ
କୁନିକୁନି ମୁଠାରେ ଟିକିଦେଲାବେଳେ
ଜେଜେମା ତିଆରିଥିଲେ
'ମାଡ଼ଗୋଳ କରନ୍ତିନି
ଶରଧା କରନ୍ତି
ସଭିଙ୍କି' ।

Digitized by srujanika@gmail.com

ଆଉ ମେଲଣ ଫେରନ୍ତା ରାସ୍ତାରେ
ମାଟିରେ ପଡିଥିବା
ଚକ୍‌ଚକ୍ ଚାରଣିଟି ଉଠେଇଲା ବେଳେ
କେଜେ କହିଥିଲେ
'ପର ଜିନିଷ ଛୁଅଁନ୍ତିନି
ସୁନା ମୋହର ହେଇଥିଲେ ବି'।
ସବା ଶେଷରେ
ପୂଜାରୀ ବାନ୍ଛାମାମୁଁ ବୁଝେଇଥିଲେ
'ଏଇ ଯେ ଚାରାଗଛଟି ମରିଗଲା
ଆଉ ସେଦିନ ବିଜୁଳି ତାରରୁ ପଡି ଚଢେଇଟି
ସମସ୍ତେ ଦିନେ ଏମ୍‌ତି ମରିଯାଆନ୍ତି
ଆମେ ବି'।

ପଚାଶୋର୍ଦ୍ଧ ଜୀବନରେ
ବାକି ଯାହା ଶିକ୍ଷା ଦୀକ୍ଷା
ଲମ୍ବ ଲମ୍ବ ଡିଗ୍ରୀର ତାଲିକା
ନୂଆ କିଛି ଶିଖେଇନି ମତେ।
ପରିପୂର୍ଣ୍ଣ ଜୀବନଟିଏ ବଞ୍ଚିବା ପାଇଁ
ଯାହା କିଛି ଶିଖିବା କଥା
ଶିଖିଥିଲି ପାଞ୍ଚବର୍ଷ ବେଳେ
ଶିଶୁ ଶ୍ରେଣୀରେ।

❖❖❖

Digitized by srujanika@gmail.com

## ଭୁଲ୍

ଜାଣି ନଥିଲି,
ତୁମେ ଚାହଁ ବୋଲି
ମ୍ରିୟମାଣ, ଅବନତ ଲତାଟିଏ ।
ଶ୍ୟାମଳ ଗ୍ରୀବା ଯେ ମୋ'ର
ବେଶ୍ ସଳଖ ଓ ଋଜୁ ।

କାଣି ନଥିଲି
ତମେ ଚାହଁ ବୋଲି
କଂପିତ ଓ କିଞ୍ଚିତ୍ ଭୀରୁ ସ୍ୱରଟିଏ,
ମୁଁ ଯେ କଥା କହି ଆସିଛି
ସ୍ପଷ୍ଟ ଭାବରେ ଶୈଶବରୁ ।

କାଣି ନଥିଲି
ତମେ ଚାହଁ ବୋଲି
ତଟସ୍ଥ ଓ ତୀର୍ଯ୍ୟକ୍ ଆଖିର ଚାହାଣୀ,
ମୋ'ର ବାଦାମୀ ଡୋଳାର ହ୍ରଦରେ
ଯେ ରାଜ୍ୟର ଉତ୍ସୁକତାର ଢେଉ ।

ତୁମେ ଚାହିଁଥିଲ
ଶଙ୍ଖର ଧବଳତା
ତୁମକୁ ମିଳିଗଲା

Digitized by srujanika@gmail.com

ଶରତ୍ ମେଘର ସ୍ୱଚ୍ଛତା ।
ତୁମେ ଚାହିଁଥିଲ
ନିର୍ଜୀବ ଏକ ଚିତ୍ରପଟ,
ତୁମକୁ ମିଳିଗଲା ନାରୀଟିଏ,
ଦୃପ୍ତ ଓ ଶାଣିତ ।

ଭୁଲ ହେଇଗଲା ବାଛିବାରେ,
ତୁମର ବି
ମୋ'ର ବି ।

❖❖❖

Digitized by srujanika@gmail.com

# ସର୍‌ଗମ୍

ଶୁଖିଲା ଲାଉତୁମ୍ବାଟିଏ ହେଉ,
କିମ୍ବା ହେଉ
ବେଣୁବନ ଭୂମିଲଗ୍ନ କେଇପଗ ବିବର୍ଣ୍ଣ ବାଉଁଶ ।
ମିହିଟଣା ତାର ଖଣ୍ଡେ ହେଉ
କିମ୍ବା ହେଉ
ଅଗ୍ନିଦଗ୍ଧ, ସ୍ଫୀତୋଦର ମୃଣୟ କଳସ ।
ସବୁଥିରେ ସର୍‌ଗମ୍ ।
ସବୁକିଛି ରାଗାଶ୍ରିତ,
ବେହାଗ, ମହ୍ଲାର ।
କେବଳ ବଜାଇ ଜାଣିଲେ ।

ଏମାନେ ତ ନିର୍ଜୀବ !
ସଜୀବ ଦେହଟିଏ ପାଇ
ତମେ ଯଦି ହେଇପାରିଲନି ସ୍ୱରମଗ୍ନ,
ଯଦି ସୃଷ୍ଟି କରି ପାରିଲନି
ଧୈବତ ବା କୋମଳଗାନ୍ଧାର,
ଯଦି କରିପାରିଲନି ଆଳାପନା
ଆରୋହ ଓ ଅବରୋହର
ତାହେଲେ ସ୍ୱତଃସିଦ୍ଧ,
ତୁମେ ଜଣେ ପୂରାପୂରି
ଅକ୍ଷମ ବାଦକ ।

❖❖❖

Digitized by srujanika@gmail.com

# ପୁତ୍ର

ତୁ' ଯେତେବେଳେ ଭଲପାଉ
ମୋ' ପୁତ୍ରବଧୂକୁ,
ଯେତେବେଳେ,
ତୋ ଆଖିର ତାରାରେ ଝଲ୍‌ସି ଉଠେ
କୋମଳାଭା, ପ୍ରୀତିର
ତା' ପାଇଁ,
ହିଂସା ହୁଏ, ରାଗ ଲାଗେ,
ସବୁ ମା' ମାନଙ୍କ ଭଳିଆ।

ତୁ ଯେତେବେଳେ ଭଲପାଉ,
ମୋ ପୁତ୍ରବଧୂକୁ,
ଯେତେବେଳେ
ତୋ ଉଜ୍ଜ୍ୱଳ ହସରୁ ଝରିପଡେ
ଥୋକା ଥୋକା ମଣିମୁକ୍ତା,
ତା' ପାଇଁ,
ହସମାଡ଼େ, ଖୁସିଲାଗେ।

ଖୁସି ଲାଗେ ଏଇଥିପାଇଁ
ଯେ ପୃଥିବୀର
ଅନ୍ତତଃ ଗୋଟିଏ ଝିଅ
ତା' ସ୍ୱାମୀର
ନିଗୁଡା ଭଲପାଇବା ପାଉଛି ବୋଲି।

Digitized by srujanika@gmail.com

ମୁଁ ଯେତେବେଳେ
ଆଉ ମା' ହେଇ ରହେନି ।
ହୋଇଯାଏ
ନାରୀ ଜାତିର ହକ୍‌ପାଇଁ ଲଢୁଥିବା
ଅବସନ୍ନ, ବୃଦ୍ଧା ମହିଳାଟିଏ ।

Digitized by srujanika@gmail.com

# ଶବ୍ଦ

ଶବ୍ଦମାନେ
ବେଳେବେଳେ ଲୁଚକାଳି ଖେଳନ୍ତି ।
ଲୁଚି ରହନ୍ତି
ମନର ଅନ୍ଧାରୁଆ ଗଳିରେ କନ୍ଦିରେ,
ବଣବୁଦା ତଳେ ।
ଠିକ୍ ସମୟରେ, ଠିକ୍ ଜାଗାରେ
ତାଙ୍କୁ ଖୋଜି ପାଇବା ମୁସ୍କିଲ୍,
ଭାରି ଖାମ୍‌ଖିଆଲୀ ସେମାନେ ।

ଅନେକଥର
କହିବାକୁ ଚାହେଁ ଗୋଟିଏ କଥା ।
କିନ୍ତୁ ଠିକ୍ ସେତିକିବେଳେ
ଲୁଚିଯାଏ ଅମାନିଆ ଶବ୍ଦଟି ।
ଆସେନି, ଡାକି ଡାକି ଥକିଗଲେ ବି ।
ତେଣୁ କହି ହେଇଯାଏ
ବିଲ୍‌କୁଲ୍ ଭିନ୍ନେ କଥାଟିଏ ।
ବଦଳିଯାଏ ଅର୍ଥ
ବଦଳିଯାଏ ବାକ୍ୟର ବ୍ୟଞ୍ଜନା ।

ବିଶ୍ୱାସ କର ।
ଜୀବନରେ ବହୁତଥର
କହିବାକୁ ଚାହିଁଛ "ଭଲପାଏ"

Digitized by srujanika@gmail.com

କହିବାକୁ ଚାହିଁଛି "ତୁମେ ତୁମ ପରି,
ତେଣୁ ଅଦ୍ୱିତୀୟ"
କିନ୍ତୁ କହିପାରିନି।
କାରଣ ଶବ୍ଦମାନେ
ଠିକ୍ ସେତିକିବେଳକୁ
ଲୁଚକାଳି ଖେଳନ୍ତି।
ଛପିଯାଆନ୍ତି ମନର
ଅନ୍ଧାରୁଆ ଗଳିରେ, କନ୍ଦିରେ
ବଣବୁଦା ତଳେ।
ଠିକ୍ ସମୟରେ, ଠିକ୍ ଜାଗାରେ
ତାଙ୍କୁ ଖୋଜି ପାଇବା ମୁସ୍କିଲ୍।
ଭାରି ଅବୋଲକରା ସେମାନେ।

❖❖❖

Digitized by srujanika@gmail.com

# ତୁମର ଯାହା ନାହିଁ

ତୁମ ବାଦ୍‌ଶାହୀ ବୈଭବ
ଆଉ ତୁମ ପାଖେ ।
ମୋ'ର ପର୍ଣ୍ଣକୁଟୀରରେ ଯାହା ଅଛି,
ତମର ନାହିଁ ।

ମୁଁ କଥା କହିପାରେ
ସିଧାସଳଖ ମଣିଷ ଆଖିକୁ ଚାହିଁ
ନିଜର ଭାବରେ ।
ପଢିଦେଇପାରେ ମୋ' ଜୀବନର ପୋଥି
ଏଠିସେଠି ସାମାନ୍ୟ ଛନ୍ଦପତନ ହୋଇଥିଲେ ବି
ଖୋଲାଖୋଲି, ସଭିଙ୍କ ସାମ୍‌ନାରେ ।
ଗାଇପାରେ ଗୀତ,
ଭୁଲିଯାଏ ସମୟର ହିସାବ କିତାପ
ବହି ପଡୁ ପଡୁ ।
ଆଉ ନିର୍ନିମେଷ ଚାହିଁପାରେ
ବିଭୋର ଆଖିରେ
ନକ୍ସାଦାର୍, ନାରଙ୍ଗୀ ସୂର୍ଯ୍ୟାସ୍ତ ।

ତୁମ ଅସରଫିର ଢେର୍
ଆଉ ତୁମପାଖେ ।
ମୋ' ତାଳିପକା ତୋରଙ୍ଗ ତଳେ ଯାହାଅଛି,
ତମର ନାହିଁ ।

❖❖❖

Digitized by srujanika@gmail.com

# ମୋ'ଜୀବନର ତିନୋଟି ପୁରୁଷଙ୍କ ପାଇଁ

(୧)

ଛାଇ ଛାଇଆ ଅନ୍ତୁଡ଼ିଶାଳରୁ ବାହାରି
ତୁମ ସହିତ ପ୍ରଥମ ଆଳାପ ।
ବାହୁ ପ୍ରସାରି
ଟୋକି ନେଇଥିଲ କୋଳକୁ ମୋତେ
ମୁଲାୟମ୍ ଫୁଲଟିଏ ଟୋକିନେଲା ଭଳିଆ ।
ରାତି ରାତି ନିଦ ଯାଇଥିଲି ତୁମ କାନ୍ଧରେ
ତୁମ ଉଦାତ୍ତ କଣ୍ଠର
ନାନାବାୟ୍ୟା ଗୀତ ଶୁଣି ଶୁଣି ।
ଏବଂ ପ୍ରଶିରାରେ ଆଜି ବି ଦୌଡ଼େ
ତୀବ୍ର ବେଗରେ
ତୁମ ଦିଆ ଉଷୁମ୍ ରକ୍ତର ସ୍ରୋତ ।

(୨)

ମୋ'ର ସୁଗନ୍ଧି ଗ୍ରୀବାରେ
ତୁମ ଓଦା'ଓଠର ହାଲ୍‌କା ଚୁମାଟିଏ ପାଇ
ଭୁଲିଗଲି ନାନାବାୟ୍ୟା ଗୀତ ।
ଭୁଲିଗଲି ଶୈଶବ, କୈଶୋର ।
ତୁମେ ଆସିଲ,
ବିଭୋର ହେଲା ସମୟ
ବର୍ଣ୍ଣାଢ଼୍ୟ ହେଲା ଜୀବନ
ଠିକ୍ ରଙ୍ଗବେରଙ୍ଗୀ ମୌସୁମୀଫୁଲ ପରି ।

Digitized by srujanika@gmail.com

ତୁମକୁ ପାଇ
ହଠାତ୍ ଯେମିତି ହୋଇଗଲି
ଚନ୍ଦ୍ରାଲୋକ ମନ୍ତ୍ରରେ ଦୀକ୍ଷିତ
ଏକ ଡେଣାଲଗା କିନ୍‌ପରୀ ।
ଏବଂ ପ୍ରତିଟି ରାତି ଖୋଜିବୁଲିଲି ତୁମକୁ
ଅନ୍ଧାରରେ ପହଁରି ପହଁରି ।

(୩)

ତୁ' ଆସିଲୁ ।
ସ୍ୱପ୍ନମାନେ ମୋର ଆଶାବାଦୀ ହେଲେ ।
ବନ୍ଧ୍ୟାଜମି ହେଲା ଉର୍ବର ।
ଏବଂ ଛାତିରେ ମୋର ଭର୍ତ୍ତି ହୋଇଗଲା
ବିନ୍ଦୁ ବିନ୍ଦୁ ପଞ୍ଚାମୃତର ଧାରା ।
ତୋ'ଲାଗି
ହାଲୋଳ ହେଲା ପୃଥିବୀର ମାଟି
ଏବଂ ସୁଖମାନେ
ନୀଳାଭ ଦ୍ୟୁତିର ତାରା ହୋଇ
ଯତେ ଅବା ଛାଇଗଲେ ମନର ଆକାଶ,
ତୋ' ଲହୁଣୀଗାଲରେ ବୋକ ଦେଇ
ଯଶୋଦା ମୁଁ ଧନ୍ୟ ହେଲି ।
ଆଉ ତୋ ଠୁକୁଠୁକୁ ଚାଲିରେ ଶୁଣିଲି
କାହ୍ନୁପାଦ ନୂପୁର ବାଜେଣି ।

❖❖❖

Digitized by srujanika@gmail.com

# ଶିଶୁ

ଭଗବାନ
ସୃଷ୍ଟିର ଶେଷଦିନ
ତିଆରି କରିଥିଲେ ମଣିଷଟିଏ ।
ଆଉ ତା' ପଞ୍ଜରାରୁ ଯାନ ହାଡଟିଏ ନେଇ
ଦ୍ୱିତୀୟ ମଣିଷ ।

ଭଗବାନ
ଆଜି ବି ମଣିଷ ତିଆରି କରନ୍ତି
କାଉଁରୀ କାଠି ବୁଲେଇ
ଅନ୍ଧାରୁଆ ଘରେ, ଚୁପ୍‌କି ।

ସଂସାରର ବୋଝ ବୋହି ବୋହି
ହାଲିଆ ସିଏ ।
ସମୟ ବି କମ୍,
ତେଣୁ ତିଆରି କରନ୍ତି
କୁନି କୁନି ମଣିଷ ସବୁ ।
ଗୋଲାପି ଓଠ, ଫୁଚ୍‌କା ଗାଲ
ନରମ୍ ତୁଲ୍‌ତୁଲ୍ ତୁଳା କଣ୍ଢେଇ ପରି
ଭାରି ପବିତ୍ର
ଭାରି ମୋହଲଗା ମଣିଷ ସବୁ ।
ଆଉ ତାଙ୍କୁ ବଡ କରିବାର ଭାର ଦେଇଯାଆନ୍ତି
ବାପା ମା' ମାନଙ୍କୁ ।

❖❖❖

Digitized by srujanika@gmail.com

# ମିନିକବିତାର ତୋଡା

## ଯନ୍ତ୍ରଣା

ଚନ୍ଦନକୁ ଘୋରି ହେବାକୁ ପଡେ
ମୂହୁର୍ମୂହୁ ପଥର ଦେହରେ
ସୃଷ୍ଟି କରିବାପାଇଁ
ସୁଶୀତଳ ସୁଗନ୍ଧୀ ପ୍ରଲେପ ।
କର୍ପୂରକୁ କୁହୁଳିବାକୁ ହୁଏ
ମୃଦୁମୃଦୁ, ଅଙ୍ଗାର ଉପରେ
ପରଶିଦେବା ଲାଗି ବାସ୍ନା
ରେଣୁ ରେଣୁ ପବନ ଢେଉରେ ।

ତୁମକୁ ଧନ୍ୟବାଦ୍ ।
ଏଭଳି ଅମାନୁଷିକ ଯନ୍ତ୍ରଣା
ତୁମେ ନଦେଇଥିଲେ ବର୍ଷ ବର୍ଷ
ହୁଏତ ମୁଁ ଆଜି କବିତା ଲେଖୁନଥାନ୍ତି ।

## ମହାଯାତ୍ରା

ଜମାଖାତାରେ ଥିବା
ଜୀବନଯାକର ସଂଚୟ୍ ।
ବାଜୁବନ୍ଧ, ଝୁମ୍କା,
ପେଡିଭର୍ତ୍ତି ପାଟଶାଢୀ,
ରୂପାଗିନା, ସୁନାଚାମଚ,
ଆସ୍‌ବାବ୍, କୋଠାବାଡି,

Digitized by srujanika@gmail.com

ସବୁକିଛି ପଡିରହିବ
ସବୁକିଛି ।

ସାଥିରେ ମୁଁ ନେଇଯିବି
ହାତମୁଠାରେ ଧରି
କେବଳ
ଯୋଗୀଥାଳରେ ଦେଇଥିବା
ପଞ୍ଚୁବର୍ଣ୍ଣୀ ଚାଉଳ ମୁଠିକ
ମହାଯାତ୍ରା ବେଳେ ।

## ମହାକାବ୍ୟ

ସେମାନଙ୍କୁ ବୁଝିପାରିଲ
ଅଳ୍ପସମୟ ଭିତରେ ।
ମୁଁ କିନ୍ତୁ ରହିଗଲି ଅବୁଝା ହୋଇ
ଏତେ ବର୍ଷ ପରେ ବି ।
ସ୍ୱାଭାବିକ୍ ।
ସେମାନେ ଗୀତିକବିତା ।
ତାଙ୍କୁ ପଡିନେଇ ହୁଏ ତତ୍କ୍ଷଣାତ୍ ।
କିନ୍ତୁ ମହାକାବ୍ୟଟିଏ ପଡିବାପାଇଁ
ଦରକାର ଉଭୟ
ଧୈର୍ଯ୍ୟ ଓ ମନୀଷା
ଯାହା ତୁମର ନାହିଁ ।

## ସେତେବେଳେ

ସେତେବେଳେ,
ମୁଁ ଟିକିଏ ଅଲ୍‌ଗା ହେଇଯାଇଥିଲି
ଟିକିଏ ବେଶୀ ଭାବପ୍ରବଣ,

Digitized by srujanika@gmail.com

ସ୍ପର୍ଶକାତର
ଏବଂ କିଛିଟା ଖାମ୍‌ଖିଆଲୀ ମଧ୍ୟ ।
ମାନୁଛି,
ମୁଁ ସେତେବେଳେ ଟିକିଏ ଅଲଗା ହୋଇଯାଇଥିଲି ।

ଭଲ ହେଲା ।
ତମେ ଅପସରି ଗଲ ମୋ' ଜୀବନରୁ ।
ମୁଁ ଏବେ ହେଇଯାଇଛି, ପୁଣି ଥରେ
ପୂରାପୂରି ସାଧାରଣ ମଣିଷଟିଏ,
ଯେମିତି ଥିଲି,
ଯେମିତି ହେବା କଥା ।

## ଶୀତରାତି

ଶୀତର କୁମର ଆସେ
କୁହୁଡିର ପାଗ ଭିଡି
ପଉଷ ସଂକରେ
ଡାଳିବାକୁ ଟୁପ୍‌ଟୁପ୍ ସୋହାଗ ଶିଶିର
ରାତିଭର୍ ବସୁଧା ଦେହରେ ।

ଧୂଆଁଳିଆ ନିଶିଥିନୀ
ସିରିସିରି କାଲୁଆ ପବନେ
ଦପ୍‌ଦପ୍ ଦେହ ଜଳେ
ସତେ ଅବା ଜଳନ୍ତା ଉହ୍ନେଇ,
ଆସିଲନି, ଶୀତରତୁ
ବିତିଯାଏ, ଅନିମୀଳ
ଆଖି ତୁମ ବାଟ ଚାହିଁ ଚାହିଁ ।

❖❖❖

Digitized by srujanika@gmail.com

# ତୀର୍ଥ

ତେରବର୍ଷ ଦିଲ୍ଲୀରେ ରହି
ତାଜ୍ ଦେଖିହେଲାନି ।
ଆଗ୍ରା ତ ଦୂରର କଥା ।
ଦେଖି ହେଲାନି,
ପାଏ ବାଟରେ ଥିବା
କୁତବ୍, ଲାଲ୍‌କିଲ୍ଲା
ଓ ରାଜ୍‌ଘାଟ୍ ।

ସାରା ଜୀବନ ଧରି
କେତେ ପୂଜାପାର୍ବଣ
କେତେ ଟକି, ଥିଏଟର
କେତେଥର
ଶାଢୀର ଡିଜାଇନ୍ ବଦଳିଗଲା
ବଦଳିଗଲା ଗହଣାର ପ୍ୟାଟର୍ଣ୍ଣ ।

କିଛି ଦେଖିନି ।
କିଛି ଜାଣିନି ।
କ୍ଷୋଭ ନାହିଁ ।
ସକଳ ତୀର୍ଥ ତୋ ଚରଣେ
ବଦ୍ରିକା ଯିବି କି କାରଣେ ।

Digitized by srujanika@gmail.com



କାନନ ମିଶ୍ର, ସାଂପ୍ରତିକ ଓଡିଆ ସାହିତ୍ୟରେ ଏକ ଜଣାଶୁଣା ନାଁ । ସାହିତ୍ୟର ସମସ୍ତ ବିଭାଗ- କବିତା, କ୍ଷୁଦ୍ରଗଳ୍ପ, ଫିଚର, ସ୍ମୃତିକଥା ତଥା ଶିଶୁସାହିତ୍ୟ, ତାଙ୍କର ଲେଖନୀ ଚାଳନାରେ ଋଦ୍ଧିମନ୍ତ । ଲେଖନ୍ତି ଉଭୟ ଓଡିଆ ଏବଂ ଇଂରାଜୀରେ ।

**ଜନ୍ମସ୍ଥାନ** - କଟକ

**ପିତା** - ✓ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ

**ମାତା** - ✓ ଶ୍ରୀମତୀ ସୁରେଖା ତ୍ରିପାଠୀ

**ଶିକ୍ଷା** - ଏମ୍.ଏ.(ଇଂରାଜୀ), ଏମ୍.ଏ(ଓଡିଆ), ଏମ୍.ଲିଟ(ତୁଳନାତ୍ମକ ସାହିତ୍ୟ)

**ପୁରସ୍କାର-**

ଆଗାମୀ ଶତାବ୍ଦୀ ସାରସ୍ୱତ ସମ୍ମାନ-୧୯୯୮

ବିଷୁବ ମିଳନ ମୀନାବଜାର ପୁରସ୍କାର(ପ୍ରଜାତନ୍ତ୍ର ପ୍ରଚାର ସମିତି)-୨୦୦୦

**ରଚନାବଳୀ-**

<u>ଓଡିଆ</u>

| | | |
|---|---|---|
| ବହିମେଳାରୁ ବୟଫ୍ରେଣ୍ଡ ପର୍ଯ୍ୟନ୍ତ | - | ଗଳ୍ପ ସଂକଳନ |
| ଅଧାଲେଖା ଦସ୍ତାବିଜ | - | ଗଳ୍ପ ସଂକଳନ |
| ଟୁପୁରୁ ଟୁପୁରୁ ବରଷେ ପାଣି | - | ଶିଶୁ କବିତା ସଂକଳନ |
| କାଗଜଡଙ୍ଗା | - | ଶିଶୁ କବିତା ସଂକଳନ |
| ହୀରା, ମୋତି, ମାଣିକ | - | ଶିଶୁ କବିତା ସଂକଳନ |
| ଓଡିଆ ପଦ୍ୟ ମହାକାବ୍ୟର କ୍ରମବିକାଶ | - | ସମାଲୋଚନା |
| ଗପସପ | - | ଫିଚର |

<u>ଇଂରାଜୀ</u>

A Tryst with Life – A collection of memories

*Digitized by srujanika@gmail.com*